## ସଂକ୍ଷେପରେ

### ଭୋଟର ଚିଠା ତାଲିକା ପ୍ରକାଶିତ



ଉମରକୋଟ, ୧୦।୨(ସ୍ୱ.ପ୍ର.)- ରାଜ୍ୟରେ ଆରମ୍ଭ ହୋଇଛି ପୌର ନିର୍ବାଚନ ପ୍ରକ୍ରିୟା। ଏହି କ୍ରମରେ ଗୁରୁବାର ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ ନିର୍ବାଚନ ପାଇଁ ମଧ ପ୍ରକାଶ ପାଇଛି ଚିଠା ଭୋଟର ତାଲିକା। ଉମରକୋଟ ପୌର ପରିଷଦ ନିର୍ବାଚନ ପରିଚାଳନା ଅଧିକାରୀ ତଥା ନବରଙ୍ଗପୁର ଉପଜିଲାପାଳ ଭାସ୍କର ରଇତ ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକା ସଂଶୋଧନ ପାଇଁ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ୧୯ରେ ପ୍ରାକ୍ ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇବ। ସେହିପରି ଚଳିତ ଥର କୌଣସି ନୂଆ ଭୋଟରଙ୍କୁ ସାମିଲ କରାଯିବ ନାହିଁ। ୨୪ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ ନିର୍ବାଚନ ତାରିଖ ଘୋଷଣା ହେବ ବୋଲି ଉପଜିଲାପାଳ କହିଛନ୍ତି। ପୂର୍ବରୁ ୧୪ ୱାର୍ଡ ପାଇଁ ୨୪ ମତଦାନ କେନ୍ଦ୍ର ସ୍ଥାପନ କରାଯାଉଥିବାବେଳେ ଚଳିତ ଥର ୩ଟି ନୂଆ ବୁଥ୍ ରଖାଯାଇଛି। ଚଳିତଥର ଉମରକୋଟ ପୌର ପରିଷଦ ନିର୍ବାଚନରେ ପ୍ରାୟ ୨୩ ହଜାର ଭୋଟର ମତଦାନ ସାବ୍ୟସ୍ତ କରିବେ। ଏହି ଅବସରରେ ଭାଜପାର ସୁରେଶ ଆଚାର୍ଯ୍ୟ, କଂଗ୍ରେସର ଭୁବନ ମାଝି, ବିଜେଡିର କୈଳାସ ନାୟକ ଏବଂ ବିଏସ୍‌ପିର ଜିଲା ସଭାପତି ଇସାକ ସୁନା ଉପସ୍ଥିତ ଥିଲେ। ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି, ନରେଶ ପଟ୍ଟନାୟକ, ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଏସ୍‌କେୱାଇର ସମୀକ୍ଷା କଲେ ଜିଲାପାଳ, ଏସ୍‌ପି

ନବରଙ୍ଗପୁର,୧୦।୨ (ବି.ପ୍ର.)-ନବରଙ୍ଗପୁର ଜିଲା ସଦର ମହକୁମାସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲରେ ବିଜୁ ସ୍ୱାସ୍ଥ୍ୟକାର୍ଡ ଯୋଜନା ଅଧୀନରେ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ଜିଲାପାଳ ଡ. କମଳଲୋଚନ ମିଶ୍ର ଓ ଏସ୍‌ପି ପି.ଏସ୍ .ପରଷୋତ୍ତମ ଦାସ। ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧମରେ ଖ୍ରୀଷ୍ଟିଆନ ହସ୍ପିଟାଲରେ କିପରି ସ୍ୱାସ୍ଥ୍ୟସେବା ଯୋଗାଯାଉନ୍ତି ସେ ନେଇ ରୋଗୀମାନଙ୍କୁ ପଚାରି ବୁଝିଥିଲେ। ଖ୍ରୀଷ୍ଟିଆନ ହସ୍ପିଟାଲରେ ବର୍ତ୍ତମାନ ମୋଟ ୬ ରୋଗୀ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇଥିବା ବେଳେ ସେମାନଙ୍କ ମଧରୁ ୪ ଜଣଙ୍କ ସଫଳ ଅସ୍ତ୍ରୋପଚାର ହୋଇଥିବା ଜଣାପଡ଼ିଛି। ଏହି କାର୍ଡ ଦ୍ୱାରା ମୁକ୍ତ ଚିକିତ୍ସା ମିଳୁଛି ଏବଂ ଏଥିସହ ହସ୍ପିଟାଲ କର୍ତ୍ତୃପକ୍ଷ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି ବୋଲି ରୋଗୀମାନେ ଜିଲାପାଳଙ୍କୁ କହିଛନ୍ତି। ହସ୍ପିଟାଲ ପରିଦର୍ଶନ ବେଳେ ଡିଆଇପିଆର୍‌ଓ ହଳଧର ନିଆଲ ଉପସ୍ଥିତ ଥିଲେ।

### ୭ ଯାଏ ସାକ୍ଷ୍ୟ ଗ୍ରହଣ ବନ୍ଦ

ଜୟପୁର, ୧୦।୨ (ନି.ପ୍ର.)- କୋରନା ମହାମାରୀ ବଢୁଥିବାରୁ ମାର୍ଚ୍ଚ ୭ ତାରିଖ ଯାଏ କୌଣସି ମାମଲାର ସାକ୍ଷ୍ୟ ଗ୍ରହଣ ହେବ ନାହିଁ ବୋଲି ଜିଲା ଓକିଲ ସଂଘ ନିଷ୍ପତ୍ତି ନେଇଛି। ଗୁରୁବାର ଓକିଲ ସଂଘ ପକ୍ଷରୁ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜୟପୁରରେ ୨୨ଟି କୋର୍ଟ କାର୍ଯ୍ୟ କରୁଥିବାବେଳେ ଜିଲାର କୋଣ ଅନୁକୋଣରୁ ଲୋକଙ୍କ ଭିଡ ଜମୁଛି। ଏମିତିକି କେତେକ ଆଇନଜୀବୀ ମଧ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସୁରକ୍ଷା ଦୃଷ୍ଟି କୋଣରୁ ମାର୍ଚ୍ଚ ୭ ତାରିଖ ଯାଏ ସାକ୍ଷ୍ୟ ଗ୍ରହଣ ହେବନାହିଁ ବୋଲି ନିଷ୍ପତ୍ତି ହୋଇଛି। କିନ୍ତୁ ଯେଉଁ ଅଭିଯୁକ୍ତମାନେ ଜେଲରେ ଥିବେ ସେମାନଙ୍କ ଜାମିନ ଓ ରାୟର ଶୁଣାଣି ହୋଇପାରିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଜିଲା ଓକିଲ ସଂଘ ସଭାପତି ସରୋଜ ଦାସ, ସମ୍ପାଦକ ଆନନ୍ଦ ରଥ, ଉପସଭାପତି ଶରତ ମାଝି, ଯୁଗ୍ମ ସମ୍ପାଦକ ଗିରିଧର ଖରା, କୋଷାଧକ୍ଷ ଗୋପ ସାନ୍ତ୍ରା, ହରିଶ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ‘ଝିଅମାନେ ସ୍ୱାବଲମ୍ବୀ ହୋଇ ନିଜେ ନିଜର ବିବାହ ବୟସ ସ୍ଥିର କର’

ନବରଙ୍ଗପୁର, ୧୦।୨(ବି.ପ୍ର.)

**ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ସହ କିଶୋରୀଙ୍କ ଆଲୋଚନା**

ନବରଙ୍ଗପୁର ଜିଲାରେ କିଶୋରୀ କିଶୋରଙ୍କୁ ନେଇ ଗଢ଼ାଯାଇଥିବା ବାଲ୍ୟବିବାହ ପ୍ରତିରୋଧ ମଞ୍ଚର କିଶୋରୀଙ୍କ ସହିତ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଭାବବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମ ମିଶନଶକ୍ତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବାଳିକାମାନେ ଶିକ୍ଷା ଓ ଆର୍ଥିକ କ୍ଷେତ୍ରରେ ସଶକ୍ତ ହୋଇ ନିଜେ ନିଜର ବିବାହ ବୟସ ସ୍ଥିର କରିବାକୁ ଅଧକ୍ଷା ଆହ୍ୱାନ ଦେଇଛନ୍ତି। ଜିଲାର ୧୦ବ୍ଲକରେ ବାଳିକା ମଣ୍ଡଳୀର ୭୦ ସଖୀ, ସହେଲିଙ୍କୁ ନେଇ ଆୟୋଜିତ ସଭାରେ ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍, ସମାଜ କଲ୍ୟାଣ ବିଭାଗ, ୟୁନିସେଫ୍ ଓ ଆକ୍ସନଏଡ୍‌ର ମିଳିତ ପ୍ରୟାସରେ ଗାଁରେ ବାଲ୍ୟବିବାହ ରୋକିବାକୁ ସଚେତନ କରାଯାଉଛି। ଜିଲାରେ ୨୫୮ଟି ବାଲ୍ୟବିବାହ ରୋକାଯିବା ସହିତ ୫୯୫ଟି ଗ୍ରାମକୁ ବାଲ୍ୟବିବାହମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇ ଥିବା ସେ ସୂଚନା ଦେଇଛନ୍ତି। ବାଳିକାମାନେ ଯେପରି ଅଧାରୁ ପାଠ ନ ଛାଡ଼ନ୍ତି ସେ ଦିଗରେ ବାଲ୍ୟବିବାହ ପ୍ରତିରୋଧ ମଞ୍ଚର କିଶୋରୀମାନେ କାର୍ଯ୍ୟ କରନ୍ତୁ ବୋଲି ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ଦିବ୍ୟା ଶାଶ୍ୱତି ପରାମର୍ଶ ଦେଇଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ଯୋଡ଼ିହୋଇ କିଶୋରୀମାନେ ଆର୍ଥିକ କ୍ଷେତ୍ରରେ ସଶକ୍ତ ହୁଅନ୍ତୁ ବୋଲି ଆକ୍ସନଏଡ୍‌ର ଆସୋସିଏଟ୍ ଡାଇରେକ୍ଟର ଦେବବ୍ରତ ପାତ୍ର କହିଛନ୍ତି। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପରାମର୍ଶଦାତା ଘାସିରାମ ପଣ୍ଡା, ପ୍ରୋଗ୍ରାମ ଅଫିସର ବି.ଏନ୍.ଦୁର୍ଗା, ସହାୟକ ସମାଜ କଲ୍ୟାଣ ଅଧିକାରୀ ନରହରି ସିଂ, ଜିଲା ଶିଶୁମଙ୍ଗଳ ସମିତି ଅଧକ୍ଷ ଦିବାକର ବାହୁକ, ସିଡିପିଓ ଗୀତା ମହାରଣା, ସୁନିତା ଦେବୀ ତ୍ରିପାଠୀ, ସରୋଜିନୀ ରଥ, ଯମୁନା ଭତ୍ରା, ଶଇଳେନ୍ଦ୍ରି ମହାନନ୍ଦ,ଏସ୍. ଗୀତା, ସୁପର ଭାଇରଇଜର ସସ୍ମିତା ମହାନ୍ତି, ସଞ୍ଜୁକ୍ତା ବେହେରା, ବୈଶାଖୀ ସାମଲ, ଚାଇଲ୍ଡଲାଇନ ସଂଯୋଜକ ରବୀନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆକ୍ସନ୍‌ଏଡ ପରାମର୍ଶଦାତା ଫକିର ଚରଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ପୋଖରୀରୁ ୨ ମୃତଦେହ ଜବତ

ରାଇଘର, ୧୦।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ଥାନା ନାକଟିସିମୋଡା ପଞ୍ଚାୟତ ଅଧୀନ ଭୀମାଭାଟା ଗ୍ରାମ ନିକଟ ଏକ ପୋଖରୀରୁ ୨ଜଣଙ୍କ ମୃତଦେହ ରାଇଘର ପୋଲିସ ଜବତ କରିଛି। ମୃତକ ହେଲେ ଜୋଡ଼ିଙ୍ଗା ପଞ୍ଚାୟତ ବରଗାଁ ଗ୍ରାମର ମୋହନ ଗଣ୍ଡଙ୍କ ପୁଅ ରାଜେଶ ଓ ଓ ବଡ଼ପାରା ମରୁଆଡିହି ଗ୍ରାମର ଚେୟନ୍ ଗଣ୍ଡଙ୍କ ପୁଅ ବିଜୟ। ସୂଚନାନୁଯାୟୀ, ରାଜେଶ ଓ ବିଜୟ ବୁଧବାର ରାତିରେ ଜୋଡ଼ିଙ୍ଗାରୁ ଗରଞ୍ଜି ଅଭିମୁଖେ ବାହାରିଥିଲେ। କିନ୍ତୁ ସେମାନେ ରାତିରେ ଘରକୁ ଫେରିନଥିଲେ। ଗୁରୁବାର ସକାଳେ ପୋଖରୀ ନିକଟରେ ସେମାନଙ୍କ ବାଇକ ପଡିଥିବା ଦେଖି ଗ୍ରାମବାସୀ ପୋଲିସକୁ ଓ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଖରୀ ଭିତରୁ ମୃତଦେହ ମିଳିବା ପରେ ୪୦/୨୨ରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ଭାରସାମ୍ୟ ହରାଇ ଉଭୟ ପୋଖରୀରେ ପଡିଯାଇଥିବା ଅନୁମାନ କରାଯାଉଛି।

## ଦୁଲାରଦେଇ ଯାତ୍ରା ପାଳିତ



ଡାବୁଗାଁ, ୧୦।୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁରେ ଗୁରୁବାର ଧୁମ୍‌ଧାମରେ ଦୁଲାରଦେଇ ଯାତ୍ରା ବା ଦୁଲାର ଦେଇ ବଜାର ପାଳନ କରାଯାଇଛି। ଆଦିବାସୀ ପର୍ବ ମାଘ ମଣ୍ଡେଇ ପୂର୍ବ ହାଟ ଅର୍ଥାତ ମାଘ ମଣ୍ଡେଇର ସାତଦିନ ପୂର୍ବେ ପାରମ୍ପରିକ ରୀତିନୀତିରେ ଦୁଲାରଦେଇ ଗୁଡିରେ ପୂଜାର୍ଚ୍ଚନା ପରେ ଶିରା, ପାଳିଙ୍କି, ଲାଠି, କୁର୍ଚ୍ଚି ସବୁ ଏକାଠି ହୋଇଥିଲେ। ପରେ ବାଜା ମହୁରୀର ତାଳେତାଳେ ନାଚ କରି ଡାବୁଗାଁ ଗ୍ରାମ ଏବଂ ସାପ୍ତାହିକ ହାଟରେ ବୁଲିଥିଲେ। ଆଗାମୀ ମାଘ ମଣ୍ଡେଇ ପର୍ଯ୍ୟନ୍ତ ଡାବୁଗାଁ ଅଞ୍ଚଳ ଚଳଚଞ୍ଚଳ ରହିବ। ଆସନ୍ତା ବୁଧବାର ବଡ଼ଦେବତା ବା ଗ୍ରାମର ମୁଖ୍ୟ ଇଷ୍ଟଦେବ ବାବା ଭୈରବ ଦେବତାଙ୍କ ପୂଜା ହେବ। ଗୁରୁବାର ଦିନ ଡାବୁଗାଁରେ ମାଘ ମଣ୍ଡେଇ ବା ଆଦିବାସୀ ମଣ୍ଡେଇ ପାଳିତ ହେବ।

# ପ୍ରଚାରବେଳେ ବିଜେଡି, କଂଗ୍ରେସ ମୁହାଁମୁହିଁ

ଦଶମନ୍ତପୁର, ୧୦।୨( ଡି.ଏନ୍.ଏ.)

- ରଣକ୍ଷେତ୍ର ପାଲଟିଲା ସାପ୍ତାହିକ ହାଟ
- ଉଭୟ ପକ୍ଷରୁ ଥାନାରେ ଏତଲା

ରଣକ୍ଷେତ୍ର ପାଲଟିଗଲା ସାପ୍ତାହିକ ହାଟ। ପ୍ରଚାର ବେଳେ ମୁହାଁମୁହିଁ ହୋଇଛନ୍ତି ବିଜେଡି ଓ କଂଗ୍ରେସ। ଏପରି ଘଟଣା ଗୁରୁବାର କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡା ପଞ୍ଚାୟତ ସଦର ସାପ୍ତାହିକ ହାଟରେ ଦେଖିବାକୁ ମିଳିଛି। ଏ ନେଇ ଉଭୟ ପକ୍ଷରୁ ଦଶମନ୍ତପୁର ଥାନାରେ ଉଭୟ ଏତଲା ଦିଆଯାଇଛି ବୋଲି ଥାନାଧିକାରୀ ବିଜୟ ରାଜ ମାଝି କହିଛନ୍ତି।

ସାପ୍ତାହିକ ହାଟରେ ପ୍ରଚାର ପ୍ରସାର ପାଇଁ କୌଣସି ସରକାରୀ ନିୟମ ନାହିଁ। କିନ୍ତୁ ଉଭୟ ଦଳ ପ୍ରଚାର ପାଇଁ ଥାନାକୁ ଅନୁମତି ମାଗିବାକୁ ଆସିଥିଲେ। କିନ୍ତୁ ସରକାରୀ ନିୟମ ନଥିବାରୁ ଥାନା ପକ୍ଷରୁ ମୌଖିକ ଭାବେ ସମୟ ଦିଆ ଯାଇଥିଲା। ଗୁରୁବାର ବିଜେଡି ଓ କଂଗ୍ରେସ ନେତା ଓ କର୍ମୀମାନେ ସେଠାରେ ପ୍ରଚାର କରୁଥିଲେ। ଏହି ସମୟରେ କୌଣସି କଥାକୁ ନେଇ ସେମାନଙ୍କ ମଧରେ ଧସ୍ତାଧସ୍ତି ହୋଇଥିଲା। ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଥାନାରେ ପହଞ୍ଚି କଂଗ୍ରେସ ନେତା ଓ କର୍ମୀଙ୍କ ନାମରେ ଏତଲା ଦେଇଥିଲେ। ବ୍ଲକ କଂଗ୍ରେସ ସମ୍ପାଦକ ମହୋନ ପାତ୍ର ହିଆଲ, କିଶୋର ସଗର, ରାଜେନ୍ଦ୍ର ହୁଇକା, ହେମନ୍ତ ବାଘ, ପଙ୍କଜ ବାଘ, ସିନାଡୁ ଜାନୀ, କାମ ଦେବ ସଗରଙ୍କ ସମେତ ୩୬ ଜଣଙ୍କ ନାମରେ ବିଜେଡି ଏତଲା ଦେଇଛି। ସେହିପରି କଂଗ୍ରେସ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ବ୍ଲକ ଅଧକ୍ଷ ନାରାୟଣ ବିଷୋୟୀ, ବ୍ଲକ ବିଜେଡି ସଭାପତି ମହେନ୍ଦ୍ର କୁଳଦିପ, ଯୁଲେଶ ଖରା, ଏସିଏସ୍‌ଟି କାଉନସିଲର ସଦସ୍ୟ ଭକ୍ତ ଖୋସଲା, କାଳିଆ ସଗର, ବିଜୟ ଖୋସଲା, ସୁର୍ଯ୍ୟଚନ୍ଦ୍ର ବାଘ, ଉପେନ୍ଦ୍ର ବାଘଙ୍କ ସମେତ ୪୪ ଜଣଙ୍କ ନାମରେ ଏତଲା ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ କହିଛନ୍ତି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନିର୍ବାଚନ ପ୍ରଚାର ପ୍ରସାର ଜନ ଗହଳି ସ୍ଥାନରେ ନ କିବାକୁ କୁହଯାଇଛି। କିନ୍ତୁ ଶାସକ ଦଳ ଓ କଂଗ୍ରେସ ନେତାମାନେ ଏହାକୁ ମାନୁ ନ ଥିବାରୁ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।


ଲକ୍ଷ୍ମୀପୁର ବିଧାୟକ ଥାନାରେ ଅଭିଯୋଗ କରୁଛନ୍ତି ।

# ଅସନ୍ତୁଷ୍ଟ ପ୍ରାର୍ଥୀ ଦଳକୁ ବାଧକ

ନବରଙ୍ଗପୁର,୧୦।୨(ବି.ପ୍ର.)

ନବରଙ୍ଗପୁର ଜିଲା ନନ୍ଦହାଣ୍ଡି ବ୍ଲକରେ ରହିଛି ୨ ଜିଲା ପରିଷଦ ଜୋନ୍। ଦୁଇଟି ଜୋନ୍ ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଥିବାରୁ ଭାଜପା, ବିଜେଡି ଓ କଂଗ୍ରେସ ପ୍ରମୁଖ ତିନି ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇ ରହିଛି। ତେବେ ସେମାନଙ୍କ ପାଇଁ କଣ୍ଟା ସାଜିଛନ୍ତି ସ୍ୱାଧୀନ ପ୍ରାର୍ଥୀ। ବିଜେଡିର ଜଣେ ଅସନ୍ତୁଷ୍ଟ ନେତା ଏବେ ସ୍ୱାଧୀନ ପ୍ରାର୍ଥୀ ହୋଇ ନିର୍ବାଚନ ଲଢୁଥିବାରୁ ବିଜେଡି ପ୍ରାର୍ଥୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ବ୍ଲକରେ ଭାଜପା ଓ କଂଗ୍ରେସ ମଧ ଠିକଣା ଜବାବରେ ରହିଛନ୍ତି। ଅସନ୍ତୁଷ୍ଟ ବିଜେଡି ତଥା ସ୍ୱାଧୀନ ପ୍ରାର୍ଥୀଙ୍କ ଦ୍ୱାରା ଯେଉଁ ଭୋଟ ବିଭାଜନ ହେବ ସେଥିରେ ଭାଜପା ଓ କଂଗ୍ରେସର ଫାଇଦା ହେବ। ଏହି ଚିତ୍ରକୁ ଆଧାରକରି ବିଜେଡି ପ୍ରାର୍ଥୀ ମଧ ଗୋଟିଚାଳନା ଆରମ୍ଭ କରିଛନ୍ତି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଏମ୍‌ପି ରମେଶ ଚନ୍ଦ୍ର ମାଝି ପ୍ରମୁଖ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଥିବାବେଳେ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଜିଲା ସଭାପତି ମୁନା ତ୍ରିପାଠୀ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ଯୁବନେତା ଗୌରୀ ଶଙ୍କର ମାଝି ପ୍ରଚାର କରୁଛନ୍ତି। ଜିଲା ପରିଷଦ ଜୋନ୍-୧ରେ ଭାଜପାର ଅରୁଣ ଷଡ଼ଙ୍ଗୀ, କଂଗ୍ରେସର ବୃନ୍ଦାବନ ତ୍ରିପାଠୀ, ବିଜେଡିର ନାରାୟଣ ରଥ, ସ୍ୱାଧୀନଭାବେ ଦିବ୍ୟଦାନ ସୁନା, ପ୍ରେମାଞ୍ଜଳି ନାଗଙ୍କ ମଧରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଦିବ୍ୟଦାନ ବିଜେଡିର ଜିଲା ଉପସଭାପତି ଥିଲେ। ଦଳ ଟିକେଟ ନ ଦେବାରୁ ସେ ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢୁଛନ୍ତି। ପରବର୍ତ୍ତୀ ସମୟରେ ଦିବ୍ୟଦାନଙ୍କୁ ଦଳ ନିଲମ୍ବିତ କରିଛି। ଦିବ୍ୟ ପୂର୍ବତନ ସମିତି ସଭ୍ୟ, ଦୀର୍ଘ ବର୍ଷର ରାଜନୈତିକ ଅଭିଜ୍ଞତା ମଧ ରହିଛି। କଂଗ୍ରେସ ପ୍ରାର୍ଥୀ ବୃନ୍ଦାବନ ତ୍ରିପାଠୀ ମଧ ପୁରୁଖା କଂଗ୍ରେସ ନେତା। ସେ ଜଣେ ଚାଷୀ ନେତା ଭାବେ ବେଶ୍ ପରିଚିତ। ନାରାୟଣ ରଥ ଜଣେ ଉଚ୍ଚ ଶିକ୍ଷିତ ସଫଳ ଚାଷୀ ଓ ସାମାଜିକ କର୍ମୀଭାବେ ପରିଚିତ। ଜୋନ୍ ୨ରେ କଂଗ୍ରେସ ପ୍ରାର୍ଥୀ ଜାମି ଲକ୍ଷ୍ମଣ କୁମାର ରାଓ, ଭାଜପାର ବୃନ୍ଦାବନ ନାୟକ, ବିଜେଡିର ଅରୁଣ ମିଶ୍ର, ସ୍ୱାଧୀନ ପ୍ରାର୍ଥୀ ଦୁର୍ଯ୍ୟୋଧନ ନାୟକ ଓ ହୁମାୟୁନ ଖାନ ଅଛନ୍ତି। ହୁମାୟୁନ ପ୍ରାର୍ଥୀ ହେବା ପରେ କଂଗ୍ରେସ ଭୋଟ ବିଭାଜନ ହେବା ଆଶଙ୍କା ରହିଛି। ଦୁର୍ଯ୍ୟୋଧନ ସ୍ୱାଧୀନ ପ୍ରାର୍ଥୀ ହେବା ପରେ ଭାଜପା ଭୋଟ ବିଭାଜନ ହେବ ବୋଲି ରାଜନୈତିକ ବ୍ୟକ୍ତିବିଶେଷ ଅଙ୍କ କଷୁଛନ୍ତି। ଦୁଇ ସ୍ୱାଧୀନ ପ୍ରାର୍ଥୀଙ୍କ ଭୋଟ ବିଭାଜନରେ ଏହି ଜୋନ୍‌ରେ ବିଜେଡି ଆଗୁଆ ରହିଛି। ତେବେ ଦୁଇଟି ଜୋନ୍‌ରେ ୪୪,୩୧୨ ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ।

# ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱର ଫାଇଦା ଉଠାଇବେ ବିରୋଧୀ

କୋଷାଗୁମୁଡ଼ା, ୧୦।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକରେ୨୬ ପଞ୍ଚାୟତରେ ୩ ଜିଲା ପରିଷଦ ରହିଛି। ୨୦୧୭ରେ ୧ ନମ୍ବର ଓ ୩ ନମ୍ବର ଜିଲା ପରିଷଦ କଂଗ୍ରେସ ଦଖଲ କରିଥିଲା। ବିଜେଡି କେବଳ ୨ନମ୍ବର ଜିଲା ପରିଷଦ ଜୋନ୍ ହାତେଇବାରେ ସଫଳ ହୋଇଥିବାବେଳେ ଭାଜପାକୁ ନିରାଶ ହେବାକୁ ପଡ଼ିଥିଲା। ଏବେ ୩ଟି ଯାକ ଆସନ ହାତେଇବାକୁ ସବୁ ଦଳ ଚେଷ୍ଟା କରୁଛନ୍ତି। ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱର ଫାଇଦା ବିରୋଧୀ ଉଠାଇ ଭୋଟ ହାତେଇବାରେ ଲାଗିପଡ଼ିଛନ୍ତି।

ଚଳିତ ନିର୍ବାଚନରେ ବିଜେଡି, କଂଗ୍ରେସ ଓ ଭାଜପା କର୍ମୀମାନେ ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି। ଏଠାରେ କିନ୍ତୁ ସବୁ ଦଳର ବଡ଼ ବଡ଼ ନେତାଙ୍କୁ ଦେଖିବାକୁ ମିଳୁନାହିଁ। ବିଜେଡି କର୍ମୀମାନେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଓ ଭାଜପା କର୍ମୀମାନେ କେନ୍ଦ୍ର ସରକାରଙ୍କ ଯୋଜନା ସବୁ ପହଞ୍ଚାଇବାକୁ ଲୋକଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି। ଏହା ମଧରେ ବ୍ଲକରେ ସାଧାରଣ ଜନତା କେବଳ ସରପଞ୍ଚ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ଲୋକେ ଜିଲା ପରିଷଦର କାମ କ'ଣ ଆଜିପର୍ଯ୍ୟନ୍ତ ଜାଣିନାହାନ୍ତି। କେବଳ ଦଳ ଓ ଚିହ୍ନକୁ ଦେଖି ଭୋଟ୍ ଦେଉଥିବା ବିଗତ ବର୍ଷରେ ଦେଖାଦେଇଛି। ନିର୍ବାଚନ ଯେତିକି ପାଖେଇ ଆସୁଛି ଗାଁରେ ଭୋଜିଭାତର ଆସର ଜମିବାରେ ଲାଗିଛି। ଗତ ପାଞ୍ଚବର୍ଷରେ ୩ ଜିଲା ପରିଷଦ ସଭ୍ୟାସଭ୍ୟ ସେହିପରି କିଛି ଆଖିଦୃଶିଆ କାମ କରି ନ ଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଏବେ ନିଜର ଭାବମୂର୍ତ୍ତିଙ୍କୁ ନେଇ ପ୍ରାର୍ଥୀମାନେ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ବ୍ଲକର ୨୬ ପଞ୍ଚାୟତରେ ୨ ନିର୍ବାଚନ ମଣ୍ଡଳୀ ରହିଛି। ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ୧୧ଟି ଓ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ୧୫ ପଞ୍ଚାୟତ ରହିଛି। ତେଣୁ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଓ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ରଣନୀତି ଉପରେ ସମସ୍ତଙ୍କ ନଜର। କଂଗ୍ରେସ ଗଡ଼ରେ କିପରି ବିଜେଡି ଜିତିବ ତାହାକୁ ଅପେକ୍ଷା। ସରପଞ୍ଚ, ସମିତି ସଭ୍ୟ ପାଇଁ ଗୋଟିଏ ପଞ୍ଚାୟତର ୨ଜଣ ଲେଖାଏଁ ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ କରୁଛି। ଏହି ଅନ୍ତର୍ଦ୍ୱନ୍ଦ୍ୱର ଫାଇଦା ବିରୋଧୀ ଭାଜପା ଓ କଂଗ୍ରେସ ଉଠାଇବାକୁ ଲାଗିପଡ଼ିଛନ୍ତି। ବ୍ଲକରେ ୨୦୧୭ରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ବ୍ଲକ ଅଧକ୍ଷା ଥିଲେ। ବର୍ତ୍ତମାନ ସେ କଂଗ୍ରେସ ପକ୍ଷରୁ ୩ନଂ. ଜିଲା ପରିଷଦ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିର କ୍ଷୀରୋଦ ନାୟକ, ଭାଜପାର କୈଳାସ ଚରଣ ମାଝି ତାଙ୍କ ବିପକ୍ଷରେ ଅଛନ୍ତି। ୨ନଂ. ଜିଲା ପରିଷଦ ପାଇଁ ବିଜେଡିର ଦନାଏ ଭତରା, କଂଗ୍ରେସର ଚଞ୍ଚଳା ମାଝି ଓ ଭାଜପାର ଗୋମତୀ ନାୟକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୧ନଂ. ପାଇଁ ବିଜେଡିର ରାମବତୀ ପୂଜାରୀ, ପଦ୍ମିନୀ ଭତରା ଓ କଂଗ୍ରେସର କନକ ପୂଜାରୀ ମୁହାଁମୁହିଁ ହୋଇଛନ୍ତି। ବ୍ଲକରେ ୧, ୭, ୧୮୮ଭୋଟର ଅଛନ୍ତି। ୩ ଜିଲା ପରିଷଦ ଆସନ ମଧରୁ କେଉଁ ଦଳକୁ କେତେଗୋଟି ଆସନ ମିଳୁଛି ତାହା ଦେଖିବା ବାକି ରହିଲା।

# ପ୍ରକାଶ ପାଇଲା ପ୍ରାଥମିକ ଭୋଟର ତାଲିକା

ନବରଙ୍ଗପୁର,୧୦।୨(ବି.ପ୍ର.)

ନବରଙ୍ଗପୁର ପୌରାଞ୍ଚଳ ନିର୍ବାଚନ ପାଇଁ ଗୁରୁବାର ପ୍ରାଥମିକ ଭୋଟର ତାଲିକା ପ୍ରକାଶ ପାଇଛି । ନବରଙ୍ଗପୁର ପୌର ପରିଷଦ କାର୍ଯ୍ୟାଳୟସ୍ଥିତ ବୈଠକ ଗୃହରେ ସର୍ବଦଳୀୟ ନେତାଙ୍କ ଉପସ୍ଥିତିରେ ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ ଓ ନିର୍ବାଚନ ଅଧିକାରୀ ଅଭିମନ୍ୟୁ ମାଝି ନବରଙ୍ଗପୁର ପୌରାଞ୍ଚଳ ଭୋଟର ତାଲିକା ପ୍ରକାଶ କରିଛନ୍ତି।

ନବରଙ୍ଗପୁର ପୌରାଞ୍ଚଳର ୧୭ ୱାର୍ଡରେ ମୋଟ ୨୪, ୭୭୫ (୧୧, ୮୯୦ ପୁରୁଷ , ୧୨, ୮୮୯ ମହିଳା ଓ ୬ଜଣ ତୃତୀୟ ଲିଙ୍ଗ) ଭୋଟର ଅଛନ୍ତି। ଗତ ପୌର ନିର୍ବାଚନରେ ନବରଙ୍ଗପୁର ପୌରାଞ୍ଚଳରେ ୨୨ଟି ଭୋଟ ଗ୍ରହଣ କେନ୍ଦ୍ର ଥିବାବେଳେ ଚଳିତ ଥର ୨୯ଟି କେନ୍ଦ୍ର ରହିଛି। ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ସେମାନେ ନାମ ସଂଯୋଗ, ସଂଶୋଧନ ପାଇଁ ଫାରମ ୩ରେ ଆବେଦନ କରିପାରିବେ। ଯେଉଁମାନଙ୍କ ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ସଂଶୋଧନ ଓ ଆପତ୍ତି ପାଇଁ ଫର୍ମ-୪ରେ ୧୧ ରୁ ୧୬ ତାରିଖ ମଧରେ ଦାଖଲ କରିପାରିବେ ବୋଲି ବୈଠକରେ କୁହାଯାଇଛି। ମତଦାନ କେନ୍ଦ୍ର ବାବଦରେ କୌଣସି ଆପତ୍ତି ଅଭିଯୋଗ ଥିଲେ ୧୨ ତାରିଖ ସୁଦ୍ଧା ଅଭିଯୋଗ ଦାଖଲ କରିପାରିବେ। ୧୮ରେ ଆପତ୍ତି ଓ ଅଭିଯୋଗର ଫଇସଲା ହେବ। ଫେବୃୟାରୀ ୨୪ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ୨୮ ତାରିଖରେ ନିର୍ବାଚନ ଆୟୋଗଙ୍କ ନିକଟକୁ ପଠାଯିବ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ପରେ ପୌର ନିର୍ବାଚନ ନେଇ ତାରିଖ ଧାର୍ଯ୍ୟ ହେବ ବୋଲି ଜଣାପଡ଼ିଛି। ଏହି ବୈଠକରେ ଭାଜପାର କାହ୍ନୁ ଦାଶ, ନଗର ସଭାପତି ପିଣ୍ଟୁ ମିଶ୍ର, ସତ୍ୟବାଦୀ ଷଡ଼ଙ୍ଗୀ, ବିଜେଡିର ନଗର ସଭାପତି ପ୍ରମୋଦ ରଥ ଓ କଂଗ୍ରେସର ନଗର ସଭାପତି ଭୀମ ହରିଜନ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଅଧିକାରୀମାନେ ।

## କାର୍ ସହ ୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଜଣେ ଗିରଫ




କୋରାପୁଟ,୧୦।୨(ସ୍ୱ.ପ୍ର.)

ଆନ୍ଧ୍ରପ୍ରଦେଶରୁ ଛତିଶଗଡ ଗଞ୍ଜେଇ ଚୋରା ଚାଲାଣ ହେଉଥିବାବେଳେ କୋରାପୁଟ ଜିଲା ଲମତାପୁଟ ପୋଲିସ ତାହାକୁ ଜବତ କରିଛି। ପୋଲିସ ପଟ୍ଟାଙ୍ଗୀ ବ୍ଲକ ସୋରିଷପଦର ଗ୍ରାମର ଚନ୍ଦ୍ରବଡ ନାୟକଙ୍କୁ ଗିରଫ କରିଛି। ବିଶେଷ ସୁତ୍ରରୁ ଖବର ପାଇ ବୁଧବାର ବିଳମ୍ବିତ ରାତ୍ରରେ ନନ୍ଦପୁର ଏସ୍‌ଡିପିଓଙ୍କ ନେତୃତ୍ୱରେ ମାଛକୁଣ୍ଡ ଓ ଲମତାପୁଟ ପୋଲିସ କାମେଲ ଗ୍ରାମ ନିକଟରେ ଗାଡି ମଟର ଯାଞ୍ଚ କରୁଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ କାର(ଓଡି-୦୨ବିଏ-୪୯୦୦)କୁ ପୋଲିସ ଯାଞ୍ଚ କରିଥିଲା। ଗାଡିରୁ ପୋଲିସକୁ ୨ବସ୍ତା ଗଞ୍ଜେଇ ମିଳିଥିଲା। ଯାହାର ଓଜନ ୫୦ କେ.ଜି. ଓ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଅଭିଯୁକ୍ତଙ୍କ ନିକଟରୁ ଏଟିଏମ୍ କାର୍ଡ ଓ ବିଭିନ୍ନ କାଗଜପତ୍ର ଜବତ କରାଯାଇଛି।

# ୫ ମାସ ହେବ ମିଳିନି ଭତ୍ତା, ବିଡିଓଙ୍କୁ ଜଣାଇଲେ ହିତାଧିକାରୀ

ନବରଙ୍ଗପୁର,୧୦।୨(ବି.ପ୍ର.)

ନବରଙ୍ଗପୁର ଜିଲା ସଦର ବ୍ଲକ ବାଘସିଉନି ପଞ୍ଚାୟତର କୁର୍ଲୁଘାଟି, ଗାଣ୍ଡାଗୁଡ଼ା, ମଶାଗୁଡା ଓ ନୂଆଗୁଡା ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କୁ ଦୀର୍ଘ ୫ ମାସ ହେବ ବାର୍ଦ୍ଧକ୍ୟ ଭତ୍ତା ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଦୀର୍ଘ ୫ମାସ ହେବ ଭତ୍ତା ମିଳିନି। ବ୍ୟାଙ୍କକୁ ଗଲେ ଟଙ୍କା ଆସି ନ ଥିବା କର୍ତ୍ତୃପକ୍ଷ କହୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ ପଚାରିଲେ ଟଙ୍କା ଛାଡ଼ି ଦେଇଥିବା ସେମାନେ କହୁଛନ୍ତି। କିନ୍ତୁ ଏପଟେ ହିତାଧିକାରୀଙ୍କୁ ଟଙ୍କା ମିଳୁନି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ନିଜ ଗ୍ରାମରେ ପଞ୍ଚାୟତ ଅଫିସ୍ ତରଫରୁ ଭତ୍ତା ଟଙ୍କା ମିଳୁ ଥିଲା। ବର୍ତ୍ତମାନ ନିଜ ବ୍ୟାଙ୍କ ଆକାଉଣ୍ଟରେ ସରକାରଙ୍କ ତରଫରୁ ବାର୍ଦ୍ଧକ୍ୟ ଭତ୍ତା ଛଡ଼ା ଯାଉଛି। ବ୍ୟାଙ୍କ ପାଖରେ ନ ଥିବାରୁ ନବରଙ୍ଗପୁରକୁ ଟଙ୍କା ପାଇଁ ଯିବାକୁ ପଡୁଛି ବୋଲି ହିତାଧିକାରୀ ସୁଧିର ଲୋଇଚନ୍ , ଅର୍ଜୁନ ଜାନି , କୁଶଳ ସୁନା , ଆଲ୍ଲା ବେନ୍ୟା , ଜେମା ଦେସାଇ ଅଭିଯୋଗ କରିଛନ୍ତି। ପଞ୍ଚାୟତ ପକ୍ଷରୁ ବାର୍ଦ୍ଧକ୍ୟ ଭତ୍ତା ମିଳୁ ବୋଲି ଗ୍ରାମବାସୀ ଅନୁରୋଧ କରିଛନ୍ତି। ଘଟଣର ତଦନ୍ତ କରାଯିବ ବୋଲି ଣ ବିଡିଓ ସୁକାନ୍ତ ପଟ୍ଟନାୟକ କହିଛନ୍ତି।


ବିଡିଓଙ୍କୁ ଭେଟିବାକୁ ଆସିଥିବା ହିତାଧିକାରୀ।

## ବୃଦ୍ଧଙ୍କ ମୃତଦେହ ଜବତ

ଝରିଗାଁ, ୧୦।୨(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ବେଲଗାଁ ଗ୍ରାମ ନିକଟ ରାସ୍ତା କଡରେ ରହିଥିବା ଏକ ଚାଷ ଜମିରୁ ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏ ନେଇ ଥାନାରେ ୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ନେଇ ଥାନା ଭାରପ୍ରାପ୍ତ ଅଧିକାରୀ ନଟବର ନନ୍ଦ କହିଛନ୍ତି। ପ୍ରାପ୍ତ ଖବରରୁ ପ୍ରକାଶ ଯେ, ବେଲଗାଁରୁ କିଛି ଦୂରରେ ରହିଥିବା ଜନୈକ ଚାଷୀଙ୍କ ଧାନ ଜମିରେ ଜଣେ ବୃଦ୍ଧଙ୍କ ମୃତଦେହ ପଡିଥିବା ନେଇ ପୋଲିସଙ୍କୁ ଖବର ଦିଆଯାଇଥିଲା। ଘଟଣସ୍ଥଳେ ଥାନାଧିକାରୀଙ୍କ ସହ ଏସ୍‌ଆଇ ପ୍ରମୋଦ ଖଣ୍ଡୁଆଳ ପହଞ୍ଚି ତଦନ୍ତ କରିଥିଲେ।

# ଜାଗରଯାତ୍ରା ବେଳେ ଜୟପୁରରୁ ଗୁପ୍ତେଶ୍ୱର ବସ୍ ଭଡ଼ା ୬୫ ଟଙ୍କା

ଜୟପୁର, ୧୦।୨(ନି.ପ୍ର.)

**ଗୁପ୍ତେଶ୍ୱରରେ ଶିବରାତ୍ରୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ**

ଜୟପୁର ଉପଜିଲାପାଳ ବେଦବର ପ୍ରଧାନଙ୍କ ପୌରୋହିତ୍ୟରେ ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱରରେ ଅନୁଷ୍ଠିତ ହେବାକୁଥିବା ଜାଗର ମେଳାକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମାର୍ଚ୍ଚ ୧ରେ ମହାଶିବରାତ୍ର ପଡୁଛି। ଫେବୃଆରୀ ୨୭ରୁ ମାର୍ଚ୍ଚ ୨ ତାରିଖ ଯାଏ ଏହି ମେଳା ଅନୁଷ୍ଠିତ ହେବ। ଏଥିରେ ଅନେକ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ପ୍ରଶାସନ ସବୁ ପ୍ରକାର ବ୍ୟବସ୍ଥା କରିବାକୁ ସ୍ଥିର ହୋଇଛି।

ବୈପାରିଗୁଡାରୁ ଗୁପ୍ତେଶ୍ୱର ଯାଏ ରହିଥିବା ରାସ୍ତା ମରାମତି କାର୍ଯ୍ୟ କରିବାକୁ ଆଲୋଚନା ହୋଇଛି। ସେହିପରି ମହୋତ୍ସବ ସମୟରେ ଟ୍ରାଫିକ୍ ସହ ପାର୍କିଂ ବ୍ୟାବସ୍ଥା ଦମକଳ ବାହିନୀ, ଓଡ୍ରାଫ୍ ଟିମ୍‌କୁ ସଜାଗ ରଖିବା, ଆବଶ୍ୟକ ଅନୁଯାୟୀ ଘରୋଇ ଏବଂ ସରକାରୀ ବସ୍‌ର ବ୍ୟବସ୍ଥା କରାଯିବା ନେଇ ବୈଠକରେ ଆଲେଶଚନା ହୋଇଛି। ଏଥିସହ ଜୟପୁରରୁ ଗୁପ୍ତେଶ୍ୱର ପର୍ଯ୍ୟନ୍ତ ବସ୍‌ଭଡା ୬୫ ଟଙ୍କା ଧାର୍ଯ୍ୟ କରାଯାଇଛି। ବିଜୁଳି ଯୋଗାଣରେ ଯେପରି ତ୍ରୁଟି ନ ହୁଏ ସେଥିପ୍ରତି ଗୁରୁତ୍ୱ, ଭକ୍ତଙ୍କ ପାଇଁ ପାନୀୟ ଜଳ ଯୋଗାଣ ଏବଂ ଅତ୍ୟାବଶ୍ୟକ ଦ୍ରବ୍ୟ ଗଚ୍ଛିତ ରଖିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ହୋଲଥ୍ ଭ୍ୟାନ ରହିବା ନେଇ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପାରମ୍ପରିକ ହରିହର ଭେଟ ସମୟରେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନକୁ ଆଦେଶ ଦିଆଯାଇଛି। ବୈଠକରେ ଜୟପୁର ତହସିଲଦାର ପ୍ରଧାନ ଟୁଲୁ ଆମ୍ବା, ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା, ବୈପାରୀଗୁଡା ତହସିଲଦାର କୈଳାଶ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ। ଠିକ ସମୟରେ ହରିହର ଭେଟ ହେବ। ସ୍ୱତନ୍ତ୍ର ଦର୍ଶନ ପାଇଁ ଜଣକ ପିଛା ୨ ଶହ ଟଙ୍କା ଟିକେଟ କରିବା ନେଇ ସ୍ଥିର ହୋଇଛି। ଅନ୍ୟମାନଙ୍କ ମଧରେ ଅତିରିକ୍ତ ତହସିଲଦାର ଅଶ୍ୱୀନ ମହାପାତ୍ର, ମାନସ ଘଢେଇ, ବିଧାୟକ ପ୍ରତିନିଧି ନିହାର ବିଷୋୟୀ, ଉପଖଣ୍ଡ ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମାର୍ଚ୍ଚ ୧୨ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ରାୟଗଡ଼ା ଅଫିସ,୧୦।୨- ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍ଏ) ପକ୍ଷରୁ ମାର୍ଚ୍ଚ ୧୨ରେ ଜିଲାସ୍ତରୀୟ ଓ ତାଲୁକସ୍ତରୀୟ ବିଚାରବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଉକ୍ତ ଲୋକ ଅଦାଲତରେ ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରି, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଆଦିର ଆପୋସ ସହମତିରେ ସମାଧାନ କରାଯିବ। ବିଚାରାଧୀନ ମକଦ୍ଦମା ସହ ପ୍ରାକ୍ ମକଦ୍ଦମା ସ୍ତରୀୟ ତଥା କଚେରିରେ ଦାୟର ହୋଇ ନ ଥିବା ବିବାଦର ମଧ୍ୟ ସମାଧାନ କରାଯିବ ବୋଲି ଡିଏଲ୍ଏସ୍ଏର ସଚିବ କୁମାରୀ ନିବେଦିତା ପଣ୍ଡା ସୂଚନା ଦେଇଛନ୍ତି। ଲୋକ ଅଦାଲତରେ କୌଣସି ପ୍ରକାର ଆର୍ଥିକ ବ୍ୟୟ କରିବାକୁ ପଡୁ ନ ଥିବାରୁ ଜନସାଧାରଣ ଏହାର ସୁଯୋଗ ନେବାକୁ ପ୍ରାଧିକରଣ ପକ୍ଷରୁ କୁହାଯାଇଛି।

### ଆଦର୍ଶ ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ଏମ୍ଭି ୭୯,୧୦।୨(ଡି.ଏନ୍.ଏ.)- ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମ୍ପିଭି-୬୫ ୟୁଜି ହାଇସ୍କୁଲର ଆଦର୍ଶ ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ମାଟିଲଗ୍ନା ସାହିତ୍ୟ ସଂସଦର ସଭାପତି କିଶୋର ଚନ୍ଦ୍ର ପ୍ରଧାନ ଯୋଗ ଦେଇ ଭାରତୀୟ ଗୁରୁ ପରମ୍ପରା ବିଷୟରେ କହିଥିଲେ। ସମ୍ମାନିତ ଅତିଥି ରୂପେ ରବୀନ୍ଦ୍ରନାଥ ଧର, ଏବିଇଓ, ଶିକ୍ଷାବିତ୍ ଅକ୍ଷୟ କୁମାର ପଣ୍ଡା, ଶିକ୍ଷକ ସଂଘ ସମ୍ପାଦକ ଡମ୍ବରୁଧର ଦୁରୁକା, ଜୟନ୍ତୀ ରାୟ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଶିକ୍ଷକ ଅନିଲ କୁମାର ବିଶ୍ୱାସ, ମାନସ ରଞ୍ଜନ ରାଉତ, ସହକାରୀ ଶିକ୍ଷକ ତାରକ ସିଂ, ଶିକ୍ଷୟିତ୍ରୀ ଇଲା ସେନ୍ଙ୍କ ସମେତ ସମସ୍ତ ଶିକ୍ଷକ ଉପସ୍ଥିତ ରହି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସ୍କୁଲ ଓ ଛାତ୍ରୀଛାତ୍ରଙ୍କ ଉତ୍ତମ ଶିକ୍ଷା ଦିଗରେ ଅବଦାନ ବିଷୟରେ ନିଜସ୍ୱ ମତ ରଖିବା ସହ ସମ୍ବର୍ଦ୍ଧନା ଦେଇଥିଲେ।

### ଚିତ୍ରକୋଣ୍ଡାରେ ସ୍ୱାମୀ ଆୟାପ୍ପା ମନ୍ଦିର ପ୍ରତିଷ୍ଠା

ଚିତ୍ରକୋଣ୍ଡା,୧୦।୨(ଡି.ଏନ୍.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସଦରସ୍ଥିତ ନୀଳକଣ୍ଠେଶ୍ୱର ଶିବ ମନ୍ଦିର ପାର୍ଶ୍ୱରେ ଗୁରୁବାର ସ୍ୱାମୀ ଆୟାପ୍ପା ମନ୍ଦିର ପ୍ରତିଷ୍ଠା ହୋଇଛି। ୬ତାରିଖରୁ ଆରମ୍ଭ ହୋଇଥିବା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମର ପ୍ରଥମ ଦିନରେ ସିଲେରୁ ନଦୀରୁ ୧୦୮ କଳସରେ ଜଳ ସଂଗ୍ରହ କରାଯାଇ କଳସ ଶୋଭାଯାତ୍ରା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଦୀର୍ଘ ୫ଦିନ ଧରି ହୋମ, ଯଜ୍ଞ ପରେ ଶେଷ ଦିନରେ ଗଣେଶ ଭଗବାନ, କାର୍ତ୍ତିକେଶ୍ୱର ଓ ସ୍ୱାମୀ ଆୟାପ୍ପାଙ୍କ ପଞ୍ଚ ଧାତୁରେ ନିର୍ମିତ ପ୍ରତିମାର ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। କର୍ତ୍ତା ରୂପେ ନାନାଜି ବାବୁ, ଅନୀଲ ଜୈନ, ଅନୀଲ ଗୁପ୍ତା, ଚିନ୍ନା ସ୍ୱାମୀ, ଏମ୍. ଶ୍ରୀନୁ, ଏମ୍. ମହେଶ କୁମାର, ଧନଞ୍ଜୟ ନାୟକ, ରାମ କ୍ରିଷ୍ଣା ଦାୟିତ୍ୱ ତୁଲାଇଥିଲେ। ତିନିବର୍ଷ ଧରି ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଚିତ୍ରକୋଣ୍ଡା ଅଞ୍ଚଳ ଓ ଆଖପାଖ ଅଞ୍ଚଳବାସୀଙ୍କ ଦାନ ଅର୍ଥରେ ସୁନ୍ଦର ଓ ବିଶାଳକାୟ ମନ୍ଦିର ନିର୍ମାଣ କରାଯାଇଛି।

### ପାଇଖାନା ଟାଙ୍କିରେ ଫସିଥିବା ଗାଈ ଉଦ୍ଧାର



ପଡ଼ିଆ,୧୦।୨(ଡି.ଏନ୍.ଏ.)- ମାଲକାନଗିରି ଜିଲା ପଡ଼ିଆ ସଦରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ରହିଥିବା ପରିତ୍ୟକ୍ତ ପାଇଖାନା ଟାଙ୍କିରେ ଏକ ଗାଈ ପଡ଼ିଯାଇଥିବାବେଳେ ଅଗ୍ନିଶମ ବାହିନୀ ତାକୁ ଉଦ୍ଧାର କରିଛନ୍ତି। ଗାଈଟି ଟାଙ୍କିରେ ପଡ଼ି ବାହାରି ପାରୁ ନ ଥିବା ଗୁରୁବାର ଅପରାହ୍ନରେ ଅଗ୍ନିଶମ ବାହିନୀ ଖବର ପାଇଥିଲେ। ବିଭାଗୀୟ ମୁଖ୍ୟ ବୀରେନ୍ଦ୍ର କୁମାର ସିଂଙ୍କ ସମେତ ସୁଶାନ୍ତ ସାହୁ, କୁଶ ଖିଲ ପ୍ରମୁଖ ପହଞ୍ଚି ଫସିରହିଥିବା ଗାଈକୁ ସୁରକ୍ଷିତ ବାହାର କରିଥିଲେ। ଅଞ୍ଚଳବାସୀ ଟିମ୍‌ର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

# ୨୯୨ ବୁଥ୍ ସମ୍ବେଦନଶୀଳ, ୧୨୭ ଅତି ସମ୍ବେଦନଶୀଳ

**ବିଷମକଟକ,୧୦।୨(ଡି.ଏନ୍.ଏ.)**

- ବିଷମକଟକ ନିର୍ବାଚନ ମଣ୍ଡଳୀ
- ସ୍ୱତନ୍ତ୍ର ଫୋର୍ସ ମୁତୟନ କରାଯିବ



ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଆଉ ମାତ୍ର ୫ ଦିନ ରହିଲା। ଏଥିପାଇଁ ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲାର ବିଷମକଟକ ବ୍ଲକରେ 'କ' ଓ 'ଖ' ଦୁଇଟି ଜିଲା ପରିଷଦ ଜୋନ୍ ରହିଛି। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ବିଷମକଟକ ନିର୍ବାଚନମଣ୍ଡଳୀର ୭୬୬ ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନମଣ୍ଡଳୀ ଅଧୀନରେ ୪ ବ୍ଲକ ରହିଥିବାବେଳେ ବିଷମକଟକ ବ୍ଲକର ୨୧ ପଞ୍ଚାୟତର ୨୬୪ ବୁଥ୍, କଲ୍ୟାଣସିଂହପୁରର ୧୭୦, ମୁନିଗୁଡ଼ାର ୨୧୧ ଓ କୋଲନରା ବ୍ଲକର ୧୨୧ ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ।

ବିଷମକଟକ ବ୍ଲକରେ ୧୧୩ ବୁଥ୍ ସମ୍ବେଦନଶୀଳ ଓ ୪୨ ବୁଥ୍ ଅତି ସମ୍ବେଦନଶୀଳ ରହିଥିବା ଚିହ୍ନଟ କରାଯାଇଛି। ଏଥିରେ 'କ' ଜୋନ୍‌ର ୧୧ ପଞ୍ଚାୟତରେ ରହିଥିବା ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ୍‌ଗୁଡ଼ିକ ମଧ୍ୟରେ କୁତ୍ରାଗଡ଼ ପଞ୍ଚାୟତରେ ୮ ସମ୍ବେଦନଶୀଳ ବୁଥ୍, କୁର୍ଲିରେ ୬ ଅତି ସମ୍ବେଦନଶୀଳ, ଚାଟିକଣାରେ ୫ ସମ୍ବେଦନଶୀଳ ଓ ୪ ଅତି ସମ୍ବେଦନଶୀଳ, ଚଞ୍ଚରାଗୁଡ଼ାରେ ୪ ସମ୍ବେଦନଶୀଳ, ପାଇକ ଡାକୁଲୁଗୁଡ଼ାରେ ୭ ସମ୍ବେଦନଶୀଳ, ବିଷମକଟକରେ ୧୦ ସମ୍ବେଦନଶୀଳ ଓ ୨ ଅତି ସମ୍ବେଦନଶୀଳ, ଭାତପୁରରେ ୯ ସମ୍ବେଦନଶୀଳ ଓ ୨ ଅତି ସମ୍ବେଦନଶୀଳ, ହାଟମୁନିଗୁଡ଼ାରେ ୨ ସମ୍ବେଦନଶୀଳ ଓ ୪ ଅତି ସମ୍ବେଦନଶୀଳ, ଡାଲିଆକୁଜିରେ ୫ ସମ୍ବେଦନଶୀଳ ଓ ୨ ଅତି ସମ୍ବେଦନଶୀଳ, କଙ୍କବାଡ଼ିରେ ୬ ସମ୍ବେଦନଶୀଳ ଏବଂ ଝିଗିଡ଼ିରେ ୨ ସମ୍ବେଦନଶୀଳ ବୁଥ୍ ରହିଛି। ସେହିପରି 'ଖ' ଜୋନ୍‌ର ୧୦ପଞ୍ଚାୟତରେ ରହିଥିବା ବୁଥ୍ ମଧ୍ୟରେ ଥୁଆପଡ଼ିରେ ୪ ସମ୍ବେଦନଶୀଳ, ଡୁକୁମରେ ୩ ସମ୍ବେଦନଶୀଳ ଓ ୪ ଅତି ସମ୍ବେଦନଶୀଳ, ସାହାଡ଼ାରେ ୫ ସମ୍ବେଦନଶୀଳ ଓ ୨ ଅତି ସମ୍ବେଦନଶୀଳ, ରସକୋଲାରେ ୧୧ ଅତି ସମ୍ବେଦନଶୀଳ, ଦୁମୁରିନେଲିରେ ୯ ସମ୍ବେଦନଶୀଳ ଓ ୩ ଅତି ସମ୍ବେଦନଶୀଳ, କୁମାର ଧମୁଣିରେ ୪ ସମ୍ବେଦନଶୀଳ ଓ ୧ ଅତି ସମ୍ବେଦନଶୀଳ, ଦୁର୍ଗୀରେ ୧୪ ସମ୍ବେଦନଶୀଳ, କଣାବାଇରେ ୧ ସମ୍ବେଦନଶୀଳ, ବେଥିଆପଡ଼ାରେ ୧୧ ସମ୍ବେଦନଶୀଳ ଓ ହାଜରିଡାଙ୍ଗରେ ୪ ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ସେହିପରି ମୁନିଗୁଡ଼ା ବ୍ଲକରେ ୬୭ ସମ୍ବେଦନଶୀଳ ଓ ୫୦ ଅତି ସମ୍ବେଦନଶୀଳ, କଲ୍ୟାଣସିଂହପୁରରେ ୫୩ ସମ୍ବେଦନଶୀଳ ଓ ୩୫ ଅତି ସମ୍ବେଦନଶୀଳ ଏବଂ କୋଲନରା ବ୍ଲକରେ ୫୯ ସମ୍ବେଦନଶୀଳ ବୁଥ୍ ରହିଛି। ଏହି ସମସ୍ତ ବୁଥ୍‌ରେ ନିର୍ଦ୍ଧାରିତ ସମୟ ମଧ୍ୟରେ ହିଁ ମତଦାନ ହେବ ଏବଂ ସୁରକ୍ଷା ନିମନ୍ତେ ବ୍ୟାପକ ଫୋର୍ସ ମୁତୟନ କରାଯିବ। ସୁରକ୍ଷା ବ୍ୟବସ୍ଥା ନେଇ ବିଷମକଟକ ଥାନାଧିକାରୀ ସୁବାସ ଚନ୍ଦ୍ର କର୍‌କରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ସମସ୍ତ ବୁଥ୍‌ରେ ମତଦାନର ୨ଦିନ ପୂର୍ବରୁ ତଦାରଖ କରାଯାଇ ଅଧିକ ଫୋର୍ସ ମୁତୟନ କରାଯିବ। ବିଶୃଙ୍ଖଳା ସୃଷ୍ଟି କଲେ ନିୟମ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି କହିଛନ୍ତି। ସେହିପରି ବିଷମକଟକ ତହସିଲଦାର ଶୁଭେନ୍ଦୁ କୁମାର ଜେନାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତ, ୨ ଦିନ ପୂର୍ବରୁ ନିଜେ ଚିହ୍ନଟ ବୁଥ୍‌ଗୁଡ଼ିକୁ ଯାଇ ସ୍ଥିତି ପରିଖିବେ। କେତେ ଫୋର୍ସ ଆବଶ୍ୟକ ସେ ନେଇ ଜିଲା ପ୍ରଶାସନକୁ ଅବଗତ କରିବେ ବୋଲି କହିଛନ୍ତି।

# ସାପ୍ତାହିକ ହାଟରେ ଭୋଟରଙ୍କୁ ମନାଉଛନ୍ତି ପ୍ରାର୍ଥୀ

**ବିଷମକଟକ,୧୦।୨(ଡି.ଏନ୍.ଏ.)–** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ଦଳର ପ୍ରାର୍ଥୀ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଭୋଟରଙ୍କୁ ମନାଇବାକୁ ବିଭିନ୍ନ ରଣନୀତି ଆପଣାଉଥିବାବେଳେ ସାପ୍ତାହିକ ହାଟ ବାଦ୍ ପଡ଼ିନାହିଁ। ରାୟଗଡ଼ା ଜିଲା ବିଷମକଟକଠାରେ ବିଜେଡି, ଭାଜପା, କଂଗ୍ରେସ ଏବଂ ବିଏସ୍‌ପି ପକ୍ଷରୁ ନିଜ ସମର୍ଥକଙ୍କୁ ନେଇ ପ୍ରାର୍ଥୀମାନେ ହାଟରେ ପ୍ରଚାର ଚଳାଇଛନ୍ତି। ବିଷମକଟକ ନିର୍ବାଚନ ମଣ୍ଡଳୀର ୮ ଜିଲା ପରିଷଦ ପ୍ରାର୍ଥୀ ଗୁରୁବାର ହାଟମୁନିଗୁଡ଼ା ସାପ୍ତାହିକ ହାଟରେ ପ୍ରାର୍ଥୀମାନଙ୍କ ଜୋର୍‌ଦାର ପ୍ରଚାର ଦେଖିବାକୁ ମିଳିଥିଲା।

ସୂଚନାଯୋଗ୍ୟ, ଗତ ନିର୍ବାଚନରେ ବିଷମକଟକ ନିର୍ବାଚନ ମଣ୍ଡଳୀର ୮ ଜିଲା ପରିଷଦ ଆସନରୁ ବିଜେଡିକୁ ମାତ୍ର ୨ଟିରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ବିଷମକଟକ ବ୍ଲକର 'କ' ଓ 'ଖ' ଜୋନ୍ ଜିଲା ପରିଷଦ ଆସନ ହାତେଇବାରେ ବିଜେଡି ବିଫଳ ହୋଇଥିଲା। ଚଳିତ ନିର୍ବାଚନରେ ଜିଲା ପରିଷଦ ଆସନ ହାତେଇବା ପାଇଁ ଦଳ ରାଜ୍ୟ ସରକାରଙ୍କ ଜନକଲ୍ୟାଣ



କଂଗ୍ରେସ ପ୍ରାର୍ଥୀ ହାଟରେ ପ୍ରଚାର କରୁଛନ୍ତି ।

ଯୋଜନାଗୁଡ଼ିକର ସାହାରା ନେଇଛି। ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ବିଷମକଟକ ନିର୍ବାଚନମଣ୍ଡଳୀ ଅଧୀନ ଡୁକୁମ ପଞ୍ଚାୟତର 'ଖ' ଜୋନ୍ ସାପ୍ତାହିକ ହାଟରେ ବୁଧବାର ଦଳ ପକ୍ଷରୁ ପ୍ରଚାର କରାଯାଇଥିଲା। ଚଳିତ ନିର୍ବାଚନରେ ସମସ୍ତ ୮ ଜିଲା ପରିଷଦ ସଭ୍ୟ ଆସନ ହାତକୁ ଆଣିବୁ ବୋଲି ମନ୍ତ୍ରୀ କହିଛନ୍ତି। ଆସନ ହାତେଇବା ପାଇଁ ବିଜେଡି ରାଜ୍ୟ ସରକାରଙ୍କ ସମସ୍ତ ବିକାଶମୂଳକ ଯୋଜନା ବିଷୟରେ ହାଟର ବ୍ୟବସାୟୀ ଏବଂ ଗ୍ରାହକଙ୍କୁ ବୁଝାଇ ଭୋଟ ମାଗୁଛି। ସେହିପରି ଅନ୍ୟ ଦଳର ପ୍ରାର୍ଥୀ ରାଜ୍ୟ ସରକାରଙ୍କ ବିଫଳତା ବିଷୟରେ ଭୋଟରଙ୍କୁ କହିବା ସହ ବିକାଶର ପ୍ରତିଶ୍ରୁତି ଦେଉଥିବା ଦେଖିବାକୁ ମିଳୁଛି। ସୋମବାର ଭାଲେରି ସାପ୍ତାହିକ ହାଟ, ମଙ୍ଗଳବାର ଡୁକୁମ, ବୁଧବାର ଚାଟିକଣା,

# ଘର ଦାବିରେ ଉପଜିଲାପାଳଙ୍କ ଅଫିସ ଘେରାଉ

**ଗୁଣପୁର,୧୦।୨(ଡି.ଏନ୍.ଏ.)**



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିବା ଅଭିଯୋଗକାରୀମାନେ।

**ଅସ୍ଥାୟୀ କଲୋନୀରେ ଜବର ଦଖଲ ଉଚ୍ଛେଦ ଘଟଣା**

ରାୟଗଡ଼ା ଜିଲା ଗୁଣପୁର ସହର ଅସ୍ଥାୟୀ କଲୋନି ଅଞ୍ଚଳରେ ତହସିଲ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହାର ପ୍ରତିବାଦରେ ଗୁରୁବାର ଶତାଧିକ ଲୋକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ରହିବା ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ସେମାନଙ୍କୁ କୌଣସି ପୂର୍ବ ସୂଚନା ଦିଆ ନ ଯାଇ ଉଚ୍ଛେଦ କରାଯାଇଥିବା ଅଭିଯୋଗ ହୋଇଛି। ରହିବା ପାଇଁ ସେମାନଙ୍କ ଘର ନ ଥିବାରୁ ଘର ଯୋଗାଇ ଦିଆଯାଉ ବୋଲି ଦାବି କରିଛନ୍ତି। ଖବର ପାଇ ପୋଲିସ ପହଞ୍ଚି ଅଭିଯୋଗକାରୀମାନଙ୍କୁ ଘଉଡ଼ାଇଥିଲେ। ପରେ ଅଭିଯୋଗକାରୀମାନେ ଏକ ଦାବିପତ୍ର ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ତହିସଲଦାର ଶରତ ଚନ୍ଦ୍ର ନାୟକ ଏବଂ ପୋଲିସ ଟିମ୍‌ର ଉପସ୍ଥିତିରେ ବୁଧବାର ଉଚ୍ଛେଦ କାର୍ଯ୍ୟ ହୋଇଥିଲା। ଜବର ଦଖଲ ହୋଇଥିବା ଝୁପୁଡ଼ି ସହ ଖାଲି ଘର ଗୁଡ଼ିକ ଜେସିବି ସହାୟତାରେ ଭଙ୍ଗା ଯାଇଥିଲା। ଯେଉଁମାନେ ଘର କରି ରହିଛନ୍ତି ସେମାନେ ଗୋଟିଏ ଦିନ ସମୟରେ ନ ହଟିଲେ ସେମାନଙ୍କ ଘର ଗୁଡ଼ିକ ମଧ୍ୟ ଭାଙ୍ଗି ଦିଆଯିବ ବୋଲି ତହସିଲ ପକ୍ଷରୁ ସୂଚିତ କରାଯାଇଥିଲା।

# ୟୁନିସେଫ୍ ପକ୍ଷରୁ ଶିଶୁଙ୍କୁ କରୋନା ପ୍ରତିଷେଧକ କିଟ୍

**ଗୁଣପୁର,୧୦।୨(ଡି.ଏନ୍.ଏ.)–** ରାୟଗଡ଼ା ଜିଲା ଗୁଣପୁରସ୍ଥିତ ବାଳନିକେତନ ଏବଂ ସେବା ସମାଜର ଅନ୍ତେବାସୀ ପିଲାଙ୍କୁ ଗୁରୁବାର କରୋନା ପ୍ରତିଷେଧକ କିଟ୍ ପ୍ରଦାନ କରାଯାଇଛି। ୟନିସେଫ୍ ପକ୍ଷରୁ ଜିଲା ତାଲୁକ ଆଇନ ସେବା ପ୍ରାଧିକରଣ ସଂସ୍ଥା ମାଧ୍ୟମରେ ଗୁଣପୁରର ବାଳନିକେତନ ଏବଂ ଶିଶୁ ଯତ୍ନ ଅନୁଷ୍ଠାନରେ କରୋନା କିଟ ଯଥା ମାସ୍କ, ସାନିଟାଇଜର, ସାବୁନ, ମଗ୍, ଟୁଥ ବ୍ରଶ, ପେଷ୍ଟ, ରୁମାଲ ଆଦି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ପ୍ରାଧିକରଣର ସମ୍ପାଦିକା ନିବେଦିତା ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବାଳନିକେତନର ପରିଚାଳକ ଅକ୍ଷୟ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କିଟ୍ ପ୍ରଦାନ କରିଥିଲେ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

**ମାଲକାନଗିରି,୧୦।୨(ଡି.ଏନ୍.ଏ.)**

ମାଲକାନଗିରି ଜିଲାପାଳ ବିଶାଲ ସିଂ ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ପ୍ରକଳ୍ପର ଗୁରୁବାର ସମୀକ୍ଷା କରିଛନ୍ତି। ମାଲକାନଗିରି ପୌର ସଂସ୍ଥାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ, ସ୍ପୋର୍ଟସ କମ୍ପ୍ଲେକ୍ସ, ଜିଲା ପାଠାଗାରର କାର୍ଯ୍ୟ ଯାଞ୍ଚ କରିବା ସହ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ସରକାରୀ ସ୍ତରରେ ଅନୁଷ୍ଠିତ ହୋଇଥିବା ଓଏସ୍ଏସ୍‌ଟିଇଟି ପରୀକ୍ଷା କେନ୍ଦ୍ରକୁ ଯାଇ ପରୀକ୍ଷା କିଭଳି ଚାଲିଛି ତାହାର ତଦାରଖ କରିଥିଲେ।

# ଏନ୍‌ଏଚ୍‌ଏମ୍ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ଶିବିର

**କୁଡୁମୁଲୁଗୁମ୍ମା,୧୦।୨(ଡି.ଏନ୍.ଏ.)**

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ସନ୍ତୋଷ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ମାନସିକ ରୋଗ ବିଶେଷଜ୍ଞ ଡା. ଏମ୍.ଏ. ହୁସେନ, ଡା. ସିଦ୍ଧାନ୍ତ ଆଦର୍ଶ, ବିପିଏମ୍ ହର ପ୍ରସାଦ ତାରିଣୀ, ସାମାଜିକ କର୍ମୀ ଦୀପକ କୁମାର ଦିଗାଲ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆର୍‌ବିଏସ୍‌କେ) ଜିଲା ପ୍ରବନ୍ଧକ ହରିବନ୍ଧୁ ଦେଶିଆ ନାଏକ ଓ ରଶ୍ମିରଞ୍ଜନ ଦାସଙ୍କ ଉପସ୍ଥିତିରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବିତରଣ କରାଯାଇଛି। କେବଳ ଅତି ଜଟିଳ ମାନସିକ ରୋଗୀଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ସୂଚନା ମିଳିଛି। ସ୍ୱତନ୍ତ୍ର ଶିବିରରେ ଅଧିକ ସଂଖ୍ୟାରେ ୧୮ ବର୍ଷରୁ କମ୍ ବୟସର ମାନସିକ ରୋଗୀ ରହିଥିଲେ। ଆର୍‌ବିଏସ୍‌କେ ସହଯୋଗରେ ଶ୍ରବଣଶକ୍ତି ହ୍ରାସ ପାଇଥିବା ରୋଗୀଙ୍କୁ ମଧ୍ୟ ବିନା ମୂଲ୍ୟରେ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି।



ଶିବିରରେ ରୋଗୀଙ୍କ ଚିକିତ୍ସା କରାଯାଉଛି।

# ମାଥିଲିରେ ମାଣ୍ଡିଆ କାଫେ ଉଦ୍‌ଘାଟିତ

**ମାଲକାନଗିରି,୧୦।୨(ଡି.ଏନ.ଏ.)–**

ମାଲକାନଗିରି ଜିଲା ମାଥିଲି ବ୍ଲକ ଚାଉଲମେନ୍ଦି ପଞ୍ଚାୟତରେ ଲିଳାବତୀ ମିଶନ ଶକ୍ତି ପକ୍ଷରୁ ଗୁରୁବାର ମିଲେଟ ଶକ୍ତି ଟିଫିନ୍ ସେଣ୍ଟର ଉଦ୍‌ଘାଟିତ ହୋଇଛି। ଏଠାରେ ମାଣ୍ଡିଆ ସମେତ ଅନ୍ୟ କ୍ଷୁଦ୍ରଶସ୍ୟ(ମିଲେଟ୍)ରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ବିକ୍ରି କରାଯିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ତେବେ ମାଲକାନଗିରି ଜିଲାରେ ଦୀର୍ଘ ବର୍ଷ ଧରି ବସବାସ କରି ଆସୁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ମାଣ୍ଡିଆ ଜାତୀୟ ଖାଦ୍ୟକୁ ବହୁମାତ୍ରାରେ ଖାଦ୍ୟ ରୂପେ ବ୍ୟବହାର କରୁଛନ୍ତି। ଏବେକା ସମୟରେ ବିଭିନ୍ନ ଜଙ୍କଫୁଡ୍ ଲୋକେ ପସନ୍ଦ କରୁଛନ୍ତି। ତେଣୁ ଜଙ୍କଫୁଡ୍ ବଦଳରେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ କିସମର ସୁଷମ ଖାଦ୍ୟ ଯୋଗାଇବା ଏବଂ ଲୋକଙ୍କ ଅଭ୍ୟାସରେ ପରିବର୍ତ୍ତନ ଆଣିବା ଏହି ସେଣ୍ଟର ଖୋଲିବାର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଏସ୍ଏଚ୍‌ଜି ମହିଳାମାନେ କିପରି ଉତ୍ତମ ମାନର ଖାଦ୍ୟ ପ୍ରସ୍ତୁତ ସହ ବଜାରରେ ବିକ୍ରି କରି ସ୍ୱାବଲମ୍ବୀ ହୋଇପାରିବେ ତାହା ସରକାରଙ୍କ ଲକ୍ଷ୍ୟ। ଜିଲାରେ ମାଣ୍ଡିଆ ଚାଷ ଅଧିକ ପରିମାଣରେ ହେଉଥିବାରୁ ଏହା ଦ୍ୱାରା ମାଣ୍ଡିଆ ଚାଷୀ ମଧ୍ୟ ଲାଭବାନ ହେବେ ବୋଲି ଆଶା ରଖାଯାଇଛି।




ଏସ୍ଏଚ୍‌ଜି ମହିଳାମାନେ କ୍ଷୁଦ୍ରଶସ୍ୟରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ବିକ୍ରି କରୁଛନ୍ତି।


**APPENDIX A TO SCHEDULE III**

**ଯୋଡ଼ା ପୌର ପରିଷଦ**

**ପ୍ରେସ୍ ବିଜ୍ଞପ୍ତି**

No.C–1920:ଯୋଡା ପୌର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ଯୋଡା ପୌର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ସିଡ଼ିପିଓ ଆଇସିଡ଼ିଏସ ଯୋଡା ସହରାଞ୍ଚଳ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/–ନିର୍ବାଚନ ଅଧିକାରୀ
ଯୋଡ଼ା ପୌର ପରିଷଦ
OIPR-13124/11/0018/2122



**APPENDIX A TO SCHEDULE III**

**କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦ**

**ପ୍ରେସ୍ ବିଜ୍ଞପ୍ତି**

No.C–1904:କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦର କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସମ୍ପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ର ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା./–ନିର୍ବାଚନ ଅଧିକାରୀ
ଏନଏସି, କୁଚିଣ୍ଡା
OIPR-13121/11/0022/2122



**APPENDIX A TO SCHEDULE III**

**ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦ**

**ପ୍ରେସ ବିଜ୍ଞପ୍ତି**

No.C–1915: ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ଏନ.ଏ.ସି. କାର୍ଯ୍ୟାଳୟରେ ତାରିଖ ୧୦.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/–ନିର୍ବାଚନ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,ଚମ୍ପୁଆ
OIPR-13157/11/0015/2122



**APPENDIX A TO SCHEDULE III**

**ବିନିକା ଅଧିସୂଚିତ କ୍ଷେତ୍ର ପରିଷଦ**

ନଂ.୩୬୦, ତା.୧୦.୦୨.୨୦୨୨

**ପ୍ରେସ ବିଜ୍ଞପ୍ତି**

No.C–1928:ବିନିକା ଅଧିସୂଚିତ କ୍ଷେତ୍ର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ବିନିକା ଅଧିସୂଚିତ କ୍ଷେତ୍ର ପରିଷଦ କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ଅଧିସୂଚିତ କ୍ଷେତ୍ର ପରିଷଦ ବିନିକାଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି ନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/–ନିର୍ବାଚନ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,ବିନିକା
OIPR-13198/11/0005/2122

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶୁକ୍ରବାର, ଫେବୃୟାରୀ ୧୧/୨୦୨୨ Rayagada, Friday, February 11/ 2022

# ଦୁଇ ମାସରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ

■ ପିତାକୋଣ୍ଡା ଗାଁରେ ଅଜଣା ରୋଗ ଭୟ

■ ମୃତକଙ୍କ ମଧ୍ୟରେ ୫ ଶିଶୁ

**କାଲିମେଲା,୧୦।୨(ଡି.ଏନ୍.ଏ.)**

ମାଲକାନଗିରି ଜିଲା କାଲିମେଲା ବ୍ଲକ ଚିନ୍ତଲବାଡ଼ା ପଞ୍ଚାୟତ ପିତାକୋଣ୍ଡା ଗ୍ରାମରେ ଅଜଣା ରୋଗର ଆତଙ୍କ ଦେଖାଦେଇଛି। ଏହି ରୋଗରେ ଆକ୍ରାନ୍ତ ହୋଇ ୨ ମାସ ମଧ୍ୟରେ ପିତାକୋଣ୍ଡା ଗ୍ରାମର ୫ ଶିଶୁଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବୁଧବାର ସନ୍ଧ୍ୟାରେ ଗ୍ରାମର ଆଡମା କବାସିଙ୍କ ପୁଅ ଲାକା କବାସୀ(୩୬)ଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଜଣଙ୍କ ପରେ ଜଣଙ୍କ ମୃତ୍ୟୁକୁ ନେଇ ପିତାକୋଣ୍ଡା ଗ୍ରାମବାସୀମାନଙ୍କ ମଧ୍ଯରେ ଭୟର ବାତାବରଣ ଦେଖିବାକୁ ମିଳିଛି।

ପିତାକୋଣ୍ଡା ଗ୍ରାମରେ ୨ମାସ ଭିତରେ ୧୩ ପୁରୁଷ, ୨ମହିଳା ଏବଂ ୫ ଶିଶୁଙ୍କର ମୃତ୍ୟୁ ଘଟିଛି। ଗ୍ରାମର ଭୀମା ମାଡକାମି (୪୫), ରାମା କବାସୀ(୪୨) ମୁକା କବାସୀ(୪୯), କସା ପଡିଆମି (୬୩), ମୁକା ମାଡକାମି (୩୬), ମୁକା କବାସୀ (୨୭), ଭୀମା କବାସୀ (୩୬), ଆଡମା ମାଡକାମି(୩୩), ଦେବା ମାଡକାମି (୫୩), ଗଙ୍ଗା ମାଡି(୬୪), ଇର୍ମା କବାସୀ (୩୨), ମହିଳା ଯୋଗୀ କବାସୀ, (୬୪), ରାମେ ମାଡକାମି (୪୨)ଙ୍କ ସମେତ ୫ ଶିଶୁ(୨ମାସରୁ ୧ ବର୍ଷ ବୟସ)ଙ୍କ ମୃତ୍ୟୁ ଘଟିଥିବା ଗ୍ରାମ ମୁଖ୍ୟ ମୁକା କବାସୀ, ୱାର୍ଡମେମ୍ବର ଇର୍ମା କବାସୀ, ଈଶ୍ୱର ସୋଡ଼ି, ପ୍ରଦୀପ କବାସୀ, ରାମା କବାସୀ, ବାଗା କବାସୀ, ଗଙ୍ଗା ମାଡି ପ୍ରମୁଖ ପ୍ରକାଶ କରିଛନ୍ତି। ଏଥିସହ ଗ୍ରାମରେ ଆହୁରି ୫ ରୁ ୬ ଜଣ ଏହି ରୋଗରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଏହି ରୋଗରେ ଆକ୍ରାନ୍ତ ହେଉଥିବା ଲୋକଙ୍କ ପ୍ରଥମେ ମୁହଁ ଓ ଗୋଡ଼ହାତ ଫୁଲିଯିବା ସହ ଝାଡ଼ା ଓ ପରିସ୍ରା ବନ୍ଦ ହୋଇଯାଉଛି। ପରେ ନିଶ୍ୱାସ ନେବାରେ ଅସୁବିଧା ହେବା ସହ ପେଟ ଫୁଲା ଓ ବ୍ୟଥା ଆଦି ଲକ୍ଷଣ ପରେ ମୃତ୍ୟୁ ଘଟୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ରୋଗ ଏବଂ ମୃତ୍ୟୁର ପ୍ରକୃତ କାରଣ ଗାଁ ଲୋକେ ଜାଣିପାରୁ ନ ଥିବାବେଳେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଗାଁକୁ ଆସି ଯାଞ୍ଚ କରନ୍ତୁ ବୋଲି କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ଗାଁରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ଗ୍ରାମର ଅଙ୍ଗନୱାଡି କର୍ମୀ ରାଦମା କବାସୀଙ୍କ ପାଖରେ କୌଣସି ଖବର ନ ଥିବା ଜଣାପଡ଼ିଛି। ଅଙ୍ଗନୱାଡି କେନ୍ଦ୍ରରେ ଥିବା ରେକର୍ଡ ଖାତାରେ ନଭେମ୍ବର ମାସରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ପେନ୍‌ରେ ସେମାନଙ୍କର ନାମ ଲେଖା ରହିଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ଜାନୁୟାରୀରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ନାମଗୁଡ଼ିକ ଅଙ୍ଗନୱାଡି କର୍ମୀ ପେନସିଲରେ ଲେଖିଦେଇଥିବା ଦେଖିବାକୁ ମିଳିଛି। ଅଙ୍ଗନୱାଡି କର୍ମୀ ମାସରେ ୫ ରୁ ୬ ଦିନ କେନ୍ଦ୍ରକୁ ଅସୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ଅଙ୍ଗନୱାଡି ସୁପରଭାଇଜର ଲତାରାଣୀ ପ୍ରଧାନ ଦସ୍ତଖତ କରିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଗ୍ରାମର ଆଶାକର୍ମୀ ବନିତା କବାସୀଙ୍କୁ ପଚାରିବାରୁ ସେ ମଧ୍ୟ ଏକ ଅସ୍ଥାୟୀ ଖାତାରେ ୧୭ ଲୋକଙ୍କ ମୃତ୍ୟୁ ଘଟିଥିବା ଦର୍ଶାଇବା ସହ ଜାନୁୟାରୀ ମାସରେ ୧୭ଜଣଙ୍କ ମୃତ୍ୟୁ ହୋଇଥିବା କହିଛନ୍ତି। ଗ୍ରାମରେ ଏତେ ସଂଖ୍ୟାରେ ମୃତ୍ୟୁ ବିଷୟରେ ପଞ୍ଚାୟତ ଦାୟିତ୍ୱରେ ଥିବା କସଲକୋଣ୍ଡା ସବସେଣ୍ଟରର ଏଏନ୍‌ଏମ୍ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣାଇଥିବା ସେ ପ୍ରକାଶ କରିଛନ୍ତି । ଏ ବିଷୟରେ ମହିଳା ସ୍ୱାସ୍ଥ୍ୟକର୍ମୀ ପାର୍ବତୀ ଜେନାଙ୍କୁ ପଚାରିବାରୁ ଜାନୁଆରୀ ମାସରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା କହିଛନ୍ତି। ଏଠାରେ ଆଶା, ଅଙ୍ଗନୱାଡି କର୍ମୀ ଏବଂ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ରିପୋଟରେ କୈଣସି ତାଳମେଳ ନ ଥିବା ବେଳେ ଗ୍ରାମବାସୀ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ଘଟଣା ବିଷୟରେ କୌଣସି ସୂଚନା ନ ଥିବା କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅବିଦ୍ ହୁସେନ ଖାନ୍ କହିଛନ୍ତି। ତେବେ ଶୁକ୍ରବାର ଗାଁକୁ ଏକ ଟିମ୍ ପଠାଇ ଅନୁସନ୍ଧାନ କରାଯିବ ବୋଲି ସେ କହିଛନ୍ତି। ଏଭଳି ପରିସ୍ଥିତିରେ ଗ୍ରାମରେ ପ୍ରକୃତରେ କେତେଦିନ ମଧ୍ୟରେ କେତେଜଣଙ୍କ ମୃତ୍ୟୁ ଘଟିଛି ଏବଂ ମୃତ୍ୟୁର କାରଣ କ'ଣ ତାହାର ତଦନ୍ତ ଜରୁରୀ ବୋଲି ମତପ୍ରକାଶ ପାଉଛି।


ମୃତକମାନଙ୍କ ପରିବାର ଲୋକେ ବସି ଆଲୋଚନା କରୁଛନ୍ତି ।

# ଶୃଙ୍ଖଳିତ ନିର୍ବାଚନ ପାଇଁ ୧୫ ସୀମାରେ ଯାଞ୍ଚ

## ଜିଲାପାଳଙ୍କ ଖବରଦାତା ସମ୍ମିଳନୀ



**ନବରଙ୍ଗପୁର,୧୦।୨(ବି.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ୧୬ ତାରିଖ ପ୍ରଥମ ପ୍ରର୍ଯ୍ୟାୟରେ ଭୋଟ ଗ୍ରହଣ ପାଇଁ ନବରଙ୍ଗପୁର ଜିଲାରେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ସହ ପରବର୍ତ୍ତୀ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ଚାଲିଛି ବୋଲି ସ୍ଥାନୀୟ ଯୋଜନା ବୋର୍ଡ଼ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଡ଼ଃ କମଳ ଲୋଚନ ମିଶ୍ର ଓ ଏସ୍‌ପି ପି.ଏସ୍. ପରଷୋତ୍ତମ ଦାସ ସୂଚନା ଦେଇଛନ୍ତି। ଜିଲାରେ ମୋଟ ୨୨୨୭ ବୁଥ୍ ରହିଥିବାବେଳେ ସେଥିରୁ ୨୪୯ ଗୋଟି ସମ୍ବେଦେନଶୀଳ, ୧୧୦ ଅତିସମ୍ବେଦନଶୀଳ ଓ ୫୦ ଟି ଏନ୍‌ଡବ୍ଲୁ ପ୍ରଭାବ ବୁଥ୍ ରହିଥିବା ଏସ୍‌ପି ପି.ଏସ୍. ପରଷୋତ୍ତମ ଦାସ କହିଛନ୍ତି।

ପୋଲିଙ୍ଗ ଏଜେଣ୍ଟମାନଙ୍କୁ ତାଲିମ, ସେଣ୍ଟର ଆୟୋଜନ କରାଯାଇଛି। ଭୋଟ ଗଣତି କେନ୍ଦ୍ରରେ ମଧ୍ୟ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ଭୋଟ ଗଣତି କେନ୍ଦ୍ର, ଭୋଟ କେନ୍ଦ୍ର ଓ ଡିସପଜାଲ କେନ୍ଦ୍ରଗୁଡିକର ବ୍ୟବସ୍ଥା କରିବା ସହ ବିଡିଓମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ବରିଷ୍ଠ ଅଧିକାରୀ, ନୋଡାଲ ଅଧିକାରୀମାନେ ବାରମ୍ବାର ଗସ୍ତ କରି ବିଡ଼ିଓମାନଙ୍କ ପ୍ରସ୍ତୁତି ବିଷୟରେ ତନଖି କରୁଛନ୍ତି। ପରବର୍ତ୍ତୀ ସମୟରେ ଯେତେବେଳେ ଯାହା କିଛି ଆବଶ୍ୟକ ହେଉଛି ସେମାନଙ୍କର ସୁବିଧାନୁଯାୟୀ ଜିନିଷ ଯୋଗାଇ ଦିଆଯାଉଛି। ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ ଆଚରଣ ବିଧି ଓ କୋଭିଡ ନିୟମ ମାନିବାକୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ଜିଲାପାଳ କହିଛନ୍ତି। ଜିଲାରେ ୫ଟି ପର୍ଯ୍ୟାୟରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାଭାବେ ପରିଚାଳନା କରିବା ପାଇଁଏସ୍‌ପିଙ୍କ ତତ୍ତ୍ୱାବାଧନରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ଏଥି ପାଇଁ ଜିଲାର ୧୫ଟି ସୀମା ଯାଞ୍ଚକେନ୍ଦ୍ର ଖୋଲା ଯାଇଛି। ସେଥିରୁ ୧୦ ଗୋଟି ରାଜ୍ୟ ସୀମା ଓ ୫ ଗୋଟି ଜିଲା ସୀମା ଯାଞ୍ଚ କେନ୍ଦ୍ରରେ ତନଖି କରାଯାଉଛି। ଯଦ୍ୱାରା ବେଆଇନ ଟଙ୍କା, ମଦ, ଅସ୍ତ୍ରଶସ୍ତ୍ର ଅସାମାଜିକ କାର୍ଯ୍ୟକଳାପକୁ ରୋକିବାକୁ ଆଇଆରବି ଓ ଏପିଆର ଫୋର୍ସ ମୁତୟନ କରାଯାଇଛି। ବାଲେଟ ବକ୍ସ ସୁରକ୍ଷା ପାଇଁ ମଧ୍ୟ ପୋଲିସ ମୁତୟନ କରାଯାଇଛି।

# ନିର୍ବାଚନ କାର୍ଯ୍ୟରେ ଗାଡ଼ି ନ ଲଗାଇଲେ କାର୍ଯ୍ୟାନୁଷ୍ଠାନ

**ଛତ୍ରପୁର,୧୦।୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନା କରିବା ନିମନ୍ତେ ଏକାଧିକ ଯାନବାହନ ଆବଶ୍ୟକ। ଯାନବାହନ ରିକ୍ୟୁଜେଶନ ପ୍ରକ୍ରିୟାରେ ସହଯୋଗ କରିବା ନିମନ୍ତେ ଗାଡ଼ିମାଲିକଙ୍କୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କହିଛନ୍ତି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଇବା ପାଇଁ ହାଜର କରାଇବାକୁ ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗାଡି ମାଲିକମାନଙ୍କୁ ନିର୍ଦ୍ଦେଶପତ୍ର ଦିଆଯାଇଛି। ଏହି ନିର୍ଦ୍ଦେଶ ଅବମାନନା କରୁଥିବା ଗାଡ଼ିମାଲିକଙ୍କ ବିରୋଧରେ ରିକ୍ୟୁଜେଶନ ଅଧିନିୟମ ୧୯୮୪ର ଧାରା-୯ ଏବଂ ଜନ ପ୍ରତିନିଧି ଆଇନ ୧୯୫୧ ର ଧାରା-୧୬୭ ପ୍ରକାରେ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ଏଥିରେ ଏକ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଓ ଏକ ହଜାର ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି। ସେମାନେ ତେଣୁ ନିଜର ନିର୍ଦ୍ଦିଷ୍ଟ ଯାନବାହାନକୁ ଗାଡ଼ିମାଲିକ ତୁରନ୍ତ ନିର୍ବାଚନ କାର୍ଯ୍ୟରେ ବିନିଯୋଗ ନିମନ୍ତେ ହାଜିର କରାଇ ସହଯୋଗ କରିବାକୁ କୁହାଯାଉଛି।




# ନବରଙ୍ଗପୁର ପୌରାଞ୍ଚଳ ଅଧ୍ୟକ୍ଷ ଆସନ ପାଇଁ ଆଶାୟୀଙ୍କ ଲମ୍ବା ଲାଇନ

**ନବରଙ୍ଗପୁର,୧୦।୨(ଡି.ଏନ୍.ଏ.)**


ଅରୁଣ ପୂଜାରୀ


ଭୀମ ହରିଜନ


ସଞ୍ଜୟ ନାୟକ

ନବରଙ୍ଗପୁର ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ଗାଁ ରାଜନୀତି ବେଶ୍ ସରଗରମ ହେଉଛି। ଅପରପକ୍ଷେ ପୌରାଧ୍ୟକ୍ଷ ଆସନ ସଂରକ୍ଷଣ ଚୂଡ଼ାନ୍ତ ତାଲିକା ପ୍ରକାଶ ପରେ ସହରାଞ୍ଚଳ ରାଜନୀତି ମାହୋଲ ମଧ୍ୟ ଧୀରେ ଧୀରେ ଉଷ୍ମ ହେବାରେ ଲାଗିଛି। ନବରଙ୍ଗପୁର ପୌରାଞ୍ଚଳ ଅଧ୍ୟକ୍ଷ ପଦ ଅନୁସୂଚିତ ଜାତି(ଏସ୍‌ସି) ପୁରୁଷ ବର୍ଗଙ୍କ ପାଇଁ ଓ ଉମରକୋଟ ପୌରାଞ୍ଚଳ ଅଧ୍ୟକ୍ଷ ପଦ ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗଙ୍କ ପାଇଁ ସଂରକ୍ଷଣ ରହିଛି। ଏଥର ଜିଲାର ଦୁଇଟି ପୌରାଞ୍ଚଳ ଅଧ୍ୟକ୍ଷ ଆସନ ପାଇଁ ସିଧାସଳଖ ନିର୍ବାଚନ ହେଉଥିବାରୁ ପୌରାଞ୍ଚଳରେ ଭାଜପା, ବିଜେଡି ଓ କଂଗ୍ରେସ ଦଳର ବହୁ ନେତା ପଦବୀ ପାଇଁ ଆଶାୟୀ ଥିଲେ। ପଦବୀ ପାଇଁ ବହୁ ସ୍ଥାନୀୟ ନେତା ଦୀର୍ଘଦିନରୁ ନିଜର ଗୋଟିଚାଳନା କରିଥିଲେ। କିନ୍ତୁ ଅଧ୍ୟକ୍ଷ ପଦ ସଂରକ୍ଷଣ ଘୋଷଣା ହୋଇଥିବାରୁ ଆଶାୟୀଙ୍କ ସବୁ ଯୋଜନା ପଣ୍ଡ ହୋଇଯାଇଛି।

ନବରଙ୍ଗପୁର ପୌରାଞ୍ଚଳ ଅଧ୍ୟକ୍ଷ ପଦ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ଅନୁସୂଚିତ ଜାତି ବର୍ଗର ଭାଜପା, ବିଜେଡି ଓ କଂଗ୍ରେସ ଦଳର ଆଶାୟୀ ପୌରାଧ୍ୟକ୍ଷ ପଦବୀରେ ଲଢ଼ିବା ପାଇଁ ଲବି କରୁଥିବା ଦେଖିବାକୁ ମିଳିଛି। ଜିଲାରେ ପ୍ରଥମଥର ପାଇଁ ଜଣେ ଅନୁସୂଚିତ ଜାତି (ଏସ୍‌ସି) ବର୍ଗଙ୍କ ହାତରେ ସହରର ବିକାଶ ନ୍ୟସ୍ତ ହେବାକୁ ଯାଉଛି। ଆଶାୟୀଙ୍କ ମଧ୍ୟରେ କଂଗ୍ରେସ ପ୍ରାର୍ଥୀଭାବେ ଯୁବନେତା ତଥା ନଗର କଂଗ୍ରେସ ସଭାପତି ଭୀମ ହରିଜନଙ୍କ ନାମ ଏକ ପ୍ରକାର ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ଭୀମ ଏବେ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ସଙ୍ଗଠନ ଦୃଢ଼କରି ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରୁଥିବା ଜଣାପଡ଼ିଛି। ସେହିପରି ବିଜେଡିରୁ ଟିକେଟ ପାଇବା ପାଇଁ ଯୁବନେତା ତଥା ପୂର୍ବତନ ଜିଲା ଯୁବ ବିଜେଡି ସମ୍ପାଦକ ସଞ୍ଜୟ ନାୟକ ଆଶାୟୀଭାବେ ୱାର୍ଡଗୁଡ଼ିକରେ ଜନସମ୍ପର୍କକୁ ଆହୁରି ସୁଦୃଢ଼ କରି ଆସୁଛନ୍ତି। ସଞ୍ଜୟ ବିଜେଡିର ସକ୍ରିୟ କର୍ମୀ ଭାବେ ଦଳର ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଉଥିବା ସହ ବିଜେଡିର ଆଗଧାଡ଼ିର ନେତାଙ୍କ ସହ ଭଲ ସମ୍ପର୍କ ଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ପୌରାଧ୍ୟକ୍ଷ ପଦବୀ ପାଇଁ ଭାଜପାରୁ ଟିକେଟ ପାଇବା ପାଇଁ ଯୁବନେତା ତଥା ଜିଲା କୃଷକ ମୋର୍ଚ୍ଚା ସଭାପତି ଅରୁଣ ପୂଜାରୀ ଆଶାୟୀ ରହିଥିବା ଜଣାପଡ଼ିଛି। ସେ ଭାଜପାର ବିଭିନ୍ନ ପଦପଦବୀରେ ରହି ଦଳୀୟ କାର୍ଯ୍ୟଗୁଡ଼ିକୁ ସୁଚାରୁ ରୂପେ ତୁଲାଉଥିବା ଜଣାପଡ଼ିଛି।

# ବିଜେଡି ପାଇଁ ସମ୍ମାନର ପ୍ରଶ୍ନ, କଂଗ୍ରେସର ଅଗ୍ନି ପରୀକ୍ଷା

**ବୈପାରୀଗୁଡ଼ା, ୧୦।୨(ଡି.ଏନ୍.ଏ.)**

ଚଳିତ ତ୍ରିସ୍ତରୀୟ ନିର୍ବାଚନରେ ବୈପାରୀଗୁଡା ବ୍ଲକର ୨ ଟି ଜିଲା ପରିଷଦ ଆସନ ପାଇଁ ରାଜନୈତିକ ଉଷ୍ମତା ବଢ଼ିଛି। ଜିଲାପରିଷଦ ଜୋନ୍-୧ ଆସନଟି ତଫସିଲଭୁକ୍ତ ଜାତିଙ୍କ ପାଇଁ ସଂରକ୍ଷଣ ରହିଛି। ଉକ୍ତ ଆସନରେ ବିଜେଡି,କଂଗ୍ରେସ, ଏସ୍‌ୟୁସିଆଇ,ଏଆଇଏଫ୍‌ବି ଓ ବିଏସ୍‌ପିର ପ୍ରାର୍ଥୀ ଲଢୁଛନ୍ତି। ସହିପରି ଜିଲାପରିଷଦ ଜୋନ୍-୨ ଆସନଟି ଆଦିବାସୀ ମହିଳା ପ୍ରାର୍ଥୀ ପାଇଁ ସଂରକ୍ଷିତ ଥିବାବେଳେ ବିଜେଡି, କଂଗ୍ରେସ ଓ ଭାଜପା ଦଳର ପ୍ରାର୍ଥୀମାନେ ଲଢୁଛନ୍ତି। ପୂର୍ବରୁ ଜିଲା ପରିଷଦ ଆସନ ପାଇଁ ୫ ଥର ନିର୍ବାଚନ ହୋଇଥିବା ବେଳେ ୪ ଥର କ୍ରମାନ୍ୱୟରେ ୨ ଟି ଯାକ ଆସନ କଂଗ୍ରେସକୁ ଯାଇଛି। ଗତ ନିର୍ବାଚନରେ ବିଜେଡି ୨ ଟି ଯାକ ଆସନ ଜିତି ପରମ୍ପରା ଭାଙ୍ଗିଥିଲା।

ଚଳିତ ନିର୍ବାଚନରେ ବିଜେଡିରୁ ରାଜେଶ୍ୱର ମହୁରିଆ, କଂଗ୍ରେସରୁ ଧନିଆ ହରିଜନ, ଭାଜପାରୁ ସୁରେଶ ହରିଜନ,ଏସ୍‌ୟୁସିଆଇରୁ ଦଶରଥ ଖିଲ,

### କଡା ଟକ୍କର ଦେବ ଭାଜପା

ଏଆଇଏଫ୍‌ବି ପ୍ରାର୍ଥୀଭାବେ ଭଗତରାମ ସଗରିଆ ଓ ବିଏସ୍‌ପି ପ୍ରାର୍ଥୀ ସଦନ ବାରିକ ଜୋନ୍-୧ରେ ଅଛନ୍ତି। ଜୋନ୍-୧ରେ କିନ୍ତୁ କଂଗ୍ରେସ,ବିଜେଡି ଓ ଭାଜପା ମଧ୍ୟରେ ତ୍ରିମୁଖୀ ଲଢେଇ ହେବାର ସମ୍ଭାବନା ରହିଛି। ଭାଜପା ସ୍ଥିତି ସୁଦୃଢ ହେଉଥିବାରୁ ନିର୍ଣ୍ଣାୟକ ଭୂମିକା ନେବ ବୋଲି ମତ ପ୍ରକାଶ ପାଉଛି। ତେବେ ଗତ ନିର୍ବାଚନରେ ହାତରୁ ଖସି ଯାଇଥିବା ଏହି ଆସନଟିକୁ ଫେରାଇ ଆଣିବାକୁ କଂଗ୍ରେସ ଜୋରଦାର ପ୍ରୟାସ କରୁଛି। କଂଗ୍ରେସର ବିଶ୍ୱାସ ଏବେ ମଧ୍ୟ ପାରମ୍ପାରିକ ଭୋଟର ଅଛନ୍ତି । ଗତ ନିର୍ବାଚନ ବେଳେ ବ୍ଲକକୁ ପ୍ରତିନିଧି କରୁଥିବା କୋଟପାଡ ବିଧାୟକ ଓ କୋରାପୁଟ ବିଧାୟକ କଂଗ୍ରେସର ଥିଲେ । କିନ୍ତୁ ଏବେ ଉଭୟ ଆସନରେ ବିଜେଡି କ୍ଷମତାରେ ରହିଛି। କୋଟପାଡ୍ ବିଜେଡି ବିଧାୟକ ତଥା ମନ୍ତ୍ରୀ ପଦ୍ମିନି ଦିଆନ ଓ କୋରାପୁଟ ବିଧାୟକ ରଘୁରାମ ପଡାଲ ନିର୍ବାଚନ ସମ୍ଭାଳୁଛନ୍ତି। କଂଗ୍ରେସର କୌଣସି ଷ୍ଟାର ପ୍ରଚାରକ ନାହାନ୍ତି। ୨ଟି ଯାକ ଆସନ ଆଉ ଥରେ ଅକ୍ତିୟାର କରିବାକୁ ଦଳ ପକ୍ଷରୁ ଜୋରଦାର ପ୍ରୟାସ ଚାଲିଛି। ବିଗତ ଦିନରେ ନେତୃତ୍ୱ ପରିବର୍ତ୍ତନକୁ ନେଇ ବିଜେଡି ଲାଗିଥିବା କନ୍ଦଳର କଂଗ୍ରେସ କେତେ ଫାଇଦା ଉଠାଇବା ତାହାକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଅପରପକ୍ଷେ ପ୍ରଚାର ପ୍ରସାରରେ ବିଜେଡି ସବୁଠାରୁ ଆଗରେ ରହିଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା, ସ୍ଥାନୀୟ ବିଧାୟକ ଓ ମନ୍ତ୍ରୀଙ୍କ ପ୍ରଚାର ଦଳକୁ ନିର୍ବାଚନ ବୈତରଣି ପାର କରିବ ବୋଲି ଦଳ ଆଶାବାଦୀ ଅଛି । ଅବଶ୍ୟ ତ୍ରିସ୍ତରୀୟ ନିର୍ବାଚନରେ ସ୍ଥାନୀୟ ଅଞ୍ଚଳର ପ୍ରସଙ୍ଗ ଓ ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ଭୋଟର୍‌ଙ୍କୁ ପ୍ରଭାବିତ କରିବ ଏବଂ ଏହା ସାଧାରଣ ନିର୍ବାଚନରୁ ଅଲଗା ବୋଲି ମତ ପ୍ରକାଶ ପାଉଛି ସେହିପରି ଚଳିତ ବର୍ଷ ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷିତ ଜୋନ୍-୨ ଆସନରେ ବିଜେଡି ପକ୍ଷରୁ କମଳା ନାୟକ ,କଂଗ୍ରେସ ପକ୍ଷରୁ ମଣି ଯାନି ଏବଂ ଭାଜପାରୁ ସନାଇ ନାୟକ ମୈଦନାରେ ଅଛନ୍ତି। ତେବେ ଲଢେଇ ବିଜେଡି ଓ କଂଗ୍ରେସ ମଧ୍ୟର ହେବ ବୋଲି ଅନୁମାନ କରାଯାଉଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ